ଛୋଟକୁ ନମଣ ସାନ

କନକଲତା ପରିଡ଼ା

ବିଦ୍ୟାପୁରୀ

Digitized by PPRACHIN, SOA

ଛୋଟକୁ ନ ମଣ ସାନ

ଶ୍ରୀମତୀ କନକଲତା ପରିଡ଼ା

ବିଦ୍ୟାପୁରୀ ।। କଟକ

Digitized by PPRACHIN, SOA

Chhotaku Na mana Sana
by Srimati Kanaklata Parida
Published by Vidyapuri, Cuttack-753002

ପ୍ରଥମ ପ୍ରକାଶ ଡିସେମ୍ବର ୨୦୦୦

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ପ୍ରଚ୍ଛଦ ଓ ଅଳଂକରଣ
ଆଶିଷ କୁମାର ପାଣ୍ଡେ

ମୁଦ୍ରଣ
ରୟାଲ ହାଫ୍‌ଟୋନ୍ କୋ, କଟକ

ମୂଲ୍ୟ ଟ ୧୫.୦୦

Digitized by PPRACHIN, SOA

ବହି ବିଷୟରେ ପଦେ

ଦୁନିଆରେ ଅନେକ ସାନ ସାନ ଜୀବ ଅଛନ୍ତି । ତାଙ୍କ ପାଇଁ ଆମର ଖାତିର ନ ଥାଏ । କାରଣ, ଆମେ ତାଙ୍କଠାରୁ ବୁଦ୍ଧିଆ ଓ ବଳୁଆ । ଏଣୁ ଆମେ ତାଙ୍କ ଉପରେ ଅତ୍ୟାଚାର ବି କରୁ । ସେମାନେ ଯେ' ଜୀଇଁରହିବା ଦରକାର ଏହା ଆମେ କେବେ ଭାବୁନା । ଫଳରେ ସେମାନଙ୍କ ବଂଶହାନି ହେବାରେ ଲାଗିଛି । ତହିଁରୁ ଅନେକ ଲୋପ ବି' ପାଇଗଲେଣି । ତେବେ, ଧୀରେ ଧୀରେ ଲୋକେ ଅନୁଭବ କଲେଣି ଯେ' ଏହି ଛୋଟ ଛୋଟ ଜୀବଗୁଡ଼ିକ ଆମର ଅତି ଉପକାରୀ ।

କାଉ, ବେଙ୍ଗ, ଜିଆ, ବୁଢ଼ିଆଣୀ ଓ ସାପ ଆମର ଖୁବ୍ ଜଣାଶୁଣା ଛୋଟ ଛୋଟ ଜୀବ । ଏମାନେ ଆମର ଅନେକ ଉପକାର କରନ୍ତି । ତେବେ, ଆମରି ଯୋଗୁଁ ହିଁ ସେମାନଙ୍କ ବଂଶହାନି ଘଟୁଛି । ଡେରିରେ ହେଲେ ବି' ଏବେ ଆମେ ସେମାନଙ୍କ ଉପକାର କଥା ବୁଝିଲୁଣି । ଏଣୁ ସେମାନଙ୍କୁ ରକ୍ଷାକରି ଆମ କାମରେ ଲଗାଇବାକୁ ଚେଷ୍ଟା ହେଲାଣି । ଏ ବହିଟିରେ ସେହି ବିଷୟରେ କିଛି ସୂଚନା ଦିଆଯାଇଛି ।

Digitized by PPRACHIN, SOA

ସୂଚୀପତ୍ର

କାଉ	୧
ବେଙ୍ଗ	୮
ବୁଢ଼ିଆଣୀ	୧୭
ଭିଆ	୨୩
ସାପ	୨୯

Digitized by PPRACHIN, SOA

କାଉ

ସକାଳଟାରୁ କାଉର ରାଉରାଉ ଡାକ ଶୁଣି ଟିମାକୁ ଭାରି ଚିଡ଼ି ଲାଗିଲା । ନିଦ ମଳ ମଳ ଆଖିରେ ଉଠି ହାସୁ....ହାସୁ....କରି ତାକୁ ହୁରୁଡ଼ାଇବାକୁ ଲାଗିଲା । ହେଲେ, କିଛି ବାଟ ଉଡ଼ିଯାଇ ତାହା ପୁଣି ଫେରି ଆସିଲା ।



ଟିମାର ମନେ ପଡ଼ିଗଲା ଯେ' ଆଜି ଅଙ୍କ ପରୀକ୍ଷା ଅଛି । ସକାଳୁ ସକାଳୁ ଡାମରାକାଉର ଡାକ ଶୁଣିଲାଣି । ଆଉ କ'ଣ ପରୀକ୍ଷାରେ ଭଲ ହେବ ?

Digitized by PPRACHIN, SOA

ତା'ର ରାଗ ବଢ଼ିଗଲା । ଗୋଡ଼ିଟାଏ ଆଣି ଛପି ଛପି ତା' ଉପରକୁ ଫିଙ୍ଗିଲା । କାଉଟା ଛଟପଟ ହୋଇ ତଳେ ପଡ଼ିଗଲା । ତା'ର ଗୋଟିଏ ଡେଣା ଭାଙ୍ଗି ଯାଇଥାଏ ।

ଟିମା ଧାଇଁଯାଇ ତାକୁ ଧରି ପକାଇଲା । ମନକୁ ମନ କହିହେଲା – ''ପାଇଲୁ ତ' ଏଥର ମଜା... ? ରାତି ନ ପାହୁଣୁ ଆସି ରାଉ ରାଉ ହେଉଛି... ।''

ଜେଜେ ସେତେବେଳକୁ ଗାଧୋଇସାରି ଚଉରାରେ ପାଣି ଦେଉଥାନ୍ତି । ସେ ଟିମା ଉପରେ ବିରକ୍ତ ହୋଇ କହିଲେ – ''କାହିଁକି ଜୀବଟାକୁ ହଇରାଣ କରୁଛୁ କହିଲୁ ? ଦେ' ଛାଡ଼ି ଦେ' ତାକୁ... ।''

ଟିମା ଓଲଟି ଜବାବ ଦେଲା – ''ଆଜି ପରୀକ୍ଷା ଦିନଟା... । ମୁଁ ବିଛଣା ଛାଡ଼ିନି । ଏଇଟା ଆସି ରଡ଼ି କରୁଛି । ଆଉ ତମେ କହୁଚ କଅଣ ନା ତାକୁ ଛାଡ଼ି ଦେ'... ।''

ଏହି ସମୟରେ ଭାଇ ଦାନ୍ତ ଘଷୁ ଘଷୁ ଆସି ସେଠାରେ ପହଞ୍ଚିଗଲେ । ଏ କଥା ଶୁଣି ସେ କହିଲେ ''ତୋ' ପରୀକ୍ଷା ସହିତ କାଉ ରାବିବାର କ'ଣ ସଂପର୍କ ? ବରଂ, ସେ ତୋତେ ଜଲ୍‌ଦି ଉଠାଇଦେଲା । ତୁ ପଢ଼ାପଢ଼ି ପାଇଁ ସମୟ ପାଇଲୁ । ଏହାଦ୍ୱାରା ତୋ'ର ଉପକାର ହେଲା । ହେଲେ, ତା' ବଦଳରେ ତୁ ଟେକାମାରି ତା' ଡେଣା ଭାଙ୍ଗିଦେଲୁ । ବାଃ... ବଢ଼ିଆ ବିଚାର !''

ଭାଇଙ୍କ କଥା ଶୁଣି ଟିମା କିଛି ସମୟ ଚୁପ୍ ହୋଇଗଲା । ମୁହଁଟା ତଳକୁ କରି ଥଙ୍ଗ ଥଙ୍ଗ ହୋଇ କହିଲା – ''ମୁଁ ଜାଣିବି କେମିତି ? ବୋଉ ତ' କହେ ଯେ' ସକାଳୁ ଡାମରାକାଉ ଡାକ ଶୁଣି ଉଠିବା କୁଆଡ଼େ ଅଶୁଭ ?

ଭାଇ – ''ବୋଉ ପୁରୁଣାକାଳିଆ ଲୋକ । ତା' ମନରେ ଅନ୍ଧବିଶ୍ୱାସ ରହିଛି । ହେଲେ, ତୁ ପରା ପାଠ ପଢୁଛୁ ? କାଉ ଆମର କେତେ ଉପକାରୀ ଜାଣିଛୁ ? ଚୀନ୍ ଆଦି ଦେଶମାନଙ୍କରେ ଏହାର ବଂଶ କମିଯିବାରୁ ଭାଳେଣି ପଡ଼ିଲାଣି... ।''

Digitized by PPRACHIN, SOA

ଟିମା ତାଙ୍କୁ ବୋକା ଆଖିରେ ଚାହିଁ କହିଲା – ''କାହିଁ, ମୁଁ ତ' କିଛି ଜାଣିନି... ।''

ଭାଇ – ''ଠିକ୍ ଅଛି । ଏବେ ମୋତେ କାଉଟିକୁ ଦେଇ ଦେ । ମୁଁ ତା'ର ସେବା କରି ଛାଡ଼ିଦେବି । ତୁ ପରୀକ୍ଷା ଦେଇ ଫେରିଆ । ଜେଜେଙ୍କ ପାଖରେ ବସି ଏକଥା ଆଲୋଚନା କରିବା... ।''

ଜେଜେ ଏଥିରେ ଏକମତ ହେଲେ । ଟିମା କାଉଟି ଭାଇଙ୍କ ହାତକୁ ବଢ଼ାଇଦେଇ ନିତ୍ୟକର୍ମ ସାରିବାକୁ ଗଲା ।

ସଞ୍ଜବେଳକୁ ସେ ପରୀକ୍ଷାରୁ ଫେରିଲା । ଖୁବ୍ ଭଲ କରିଥାଏ । ଏଣୁ ତା' ମନ ଭାରି ଖୁସି ଥାଏ । ଚଟାପଟ୍ ସେ ମୁହଁ ହାତ ଧୋଇ ଗଣ୍ଡିଏ ଖାଇ ଦେଲା । ତା'ପରେ ଚାଲିଲା ଭାଇଙ୍କ ପାଖକୁ । ସେ ଜେଜେଙ୍କ ସହିତ ବସି ଚା' ପିଉଥାନ୍ତି । ଟିମା ତାଙ୍କରି ପାଖରେ ଯାଇ ବସିପଡ଼ିଲା । ତାକୁ ଦେଖି ଜେଜେ ପଚାରିଲେ – ''କିରେ, ଆଜି ପରୀକ୍ଷାରେ କେମିତି ହେଲା ?''

ଟିମା ଜବାବ ନ ଦେଇ ହସିବାକୁ ଲାଗିଲା । ତେଣୁ ଭାଇ କହିଲେ – ''ତାକୁ ପଚାରୁଛ କାହିଁକି ଯେ... ? ତା' ମୁହଁରୁ କ'ଣ ଜଣା ପଡ଼ିଯାଉ ନାହିଁ.... ?''

ଜେଜେ ପାକୁଆପାଟିରେ ପାଚିଲା ହସଟିଏ ହସିଲେ । ସେ କହିଲେ – ''ତେବେ, ବିଚରା କାଉଟା ବିନା ଦୋଷରେ ଦଣ୍ଡ ପାଇଲା କାହିଁକି ?''

ଟିମା ଜବାବ ଦେଲା – ''ସେଥିପାଇଁ ମୁଁ ଭାରି ଦୁଃଖିତ । ଅନ୍ଧବିଶ୍ୱାସଟାଏ ରହିଯାଇଥିଲା । ଏବେ ତାହା ଦୂର ହେଲା । ତା'ଛଡ଼ା ଭାଇ ପରା କହୁଛନ୍ତି ଯେ' କାଉ ଆମର ଉପକାରୀ ବୋଲି । ଏଣିକି ମୁଁ ଆଉ ଏପରି ଭୁଲ କରିବି ନାହିଁ... ।''

ଜେଜେ ତାକୁ ଚିଡ଼େଇଲା ଭଳି କହିଲେ – ''ଭାଇ କହିଦେଲା ବୋଲି ତୁ ମାନିଗଲୁ ? ନ ବୁଝି ନ ଶୁଝି କହିଲା କଥାକୁ ମାନିଯିବା ବି' କମ୍ ଅନ୍ଧବିଶ୍ୱାସ ନୁହେଁ... ।''

Digitized by PPRACHIN, SOA

ଟିମା ଚଟାପଟ୍ ଜବାବ ଦେଲା – ‘‘ତମେ ଯାହା କହୁଛ ଠିକ୍ ଯେ’ ହେଲେ, ଭାଇ ପରା ସେ ବିଷୟରେ ଏବେ ବୁଝାଇଦେବେ ବୋଲି କହିଛନ୍ତି... ।’’

ଏହା ଶୁଣି ଭାଇ ମୁରୁକିହସାଟିଏ ଦେଇ କହିଲେ – ‘‘ଓ..., ତା’ହେଲେ ସେଇଥିପାଇଁ ତୁ ଖେଳିବାକୁ ନ ଯାଇ ଏଠିକୁ ଆସିଛୁ ?’’

ଟିମା କିଛି ଜବାବ ଦେଲା ନାହିଁ । ଖାଲି ହସିଲା ମୁହଁରେ ସହମତି ଜଣାଇଲା ।

ଯା ଭିତରେ ଟିମାର ପଢ଼ାସାଥି ଟିକି ସେଠାରେ ପହଞ୍ଚିଯାଇଥାଏ । ସେ ବି’ ବସିଲା ଗପ ଶୁଣିବାକୁ । ଭାଇ କପ୍‌ରେ ଥିବା ଚା’ତକ ଶେଷ କରିଦେଲେ । ତା’ପରେ ସେ ଆରମ୍ଭ କଲେ – ‘‘କାଉ ଆମର ଦୁଇଟି ବଡ଼ ଉପକାର କରିଥାଏ । ଏହା ଏଣେତେଣେ ପଡ଼ିଥିବା ପଚାସଢ଼ା ଜିନିଷ ଖାଇଦିଏ । ଏଣୁ ପରିବେଶ ଦୂଷିତ ହୁଏ ନାହିଁ । କହିଲ ଦେଖି, ଦାଣ୍ଡରେ ମଲା ମୂଷାଟାଏ ପଡ଼ିରହିଲେ ଗନ୍ଧରେ କ’ଣ ଏଠି ବସିହୁଅନ୍ତା ? ସେହିପରି କାଉ ଆମ ଅଗଣାଠାକଣ୍ଟା ମଧ୍ୟ ଖାଇ ସଫା କରିଦିଏ । ଏଗୁଡ଼ିକ ପଡ଼ି ରହୁଥିଲେ ତାହା ପଚୁଥାନ୍ତା । ମଶା, ମାଛି ଜୀବାଣୁଙ୍କ ବଂଶ ବଢ଼ାଉଥାନ୍ତା । ଏଣୁ ନାନାଦି ରୋଗ ବଢୁଥାନ୍ତା ।’’



Digitized by PPRACHIN, SOA

ଏହା ଶୁଣି ଜେଜେ ମୁଣ୍ଡ ଟୁଙ୍ଗାରି ହଁ ଭରିଲେ । ସେ କହିଲେ– ‘ସତକଥା । ତେବେ, ଏହାର ଆଉ ଉପକାରଟି କଅଣ ?’

ଭାଇ– ‘‘ତାହା ଆହୁରି ବଡ଼... । କାରଣ ଦେଖାଯାଇଛି ଯେ’ କାଉ ଅନେକ ପ୍ରକାର କୀଟପତଙ୍ଗଙ୍କୁ ଖାଇଦିଏ । ପତ୍ରମୋଡ଼ା ପୋକ, ପତ୍ରକଟାପୋକ, ନାନା ଜାତିର ଶଁବାଳୁଆ ଓ କାଳମୁଣ୍ଡି, କୋଟଳିପୋକ, ଝିଣ୍ଟିକା ଓ ପଙ୍ଗପାଳ, ଗୁଣ୍ଡିପୋକ ଆଦି ପ୍ରାୟ ୩୦/୪୦ ଜାତିର ପୋକ ଏହାର ଅନ୍ତର୍ଭୁକ୍ତ । ସେଗୁଡ଼ିକ ଧାନ, କପା, ଚୀନାବାଦାମ, ବିବିଧ ପନିପରିବା, ଅଦା, ସୂର୍ଯ୍ୟମୁଖୀ, ଜଡ଼ା ଆଦି ଫସଲକୁ କ୍ଷତି ପହଞ୍ଚାଇ ଥାଆନ୍ତି । ତାହାଙ୍କୁ ଦମନ କରିବାକୁ ଅଲଗା ଅଲଗା କୀଟାଣୁନାଶକ ଦରକାର । ଏହି ଔଷଧଗୁଡ଼ିକ ବିଷାକ୍ତ । ଏଣୁ ତାହା କିଣିବାକୁ ତ’ ପଇସା ଲୋଡ଼ା, ତା’ଛଡ଼ା ତହିଁରୁ ପରିବେଶ ବି’ ଦୂଷିତ ହୁଏ । ପାଣି-ପବନ ବିଷାକ୍ତ ହୁଏ ।



ତାମିଲନାଡୁର ମେଟୁପଲାୟମ୍‌ଠାରେ ବନ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନଟିଏ ଅଛି । ସେଠାର ବୈଜ୍ଞାନିକମାନେ ପରୀକ୍ଷାକରି ଦେଖିଛନ୍ତି ଯେ’ ଗୋଟିଏ କାଉ ଦିନକୁ ପ୍ରାୟ ୧୦୦ ଗ୍ରାମ୍ ଯାଏ କୀଟପତଙ୍ଗ ଓ

Digitized by PPRACHIN, SOA

ସେମାନଙ୍କ ଶୂକ ଆହାର କରିଥାଏ । ଏଗୁଡ଼ିକର ସଂଖ୍ୟା ହଜାର ହଜାର ହେବ । ଏଣୁ କାଉମାନଙ୍କ ବଂଶହାନି ଅର୍ଥ ଫସଲହାନୀ ଏବଂ ତା’ ସହିତ ସ୍ୱାସ୍ଥ୍ୟହାନି ।’’

ଏତକ କହିସାରି ଭାଇ ଟିକିଏ ଦମ୍ ମାରିଲେ । ସେହି ଅବସରରେ ଟିମା ପଚାରଲା– ‘‘ହେଲେ, ଚୀନ୍ ଦେଶରେ କାଉଚାଷ କରାଯାଉଛି କାହିଁକି ?’’

ଭାଇ– ‘‘ଆଜିକାଲି ଏହି ଉପକାରୀ ପକ୍ଷୀଟିର ବଂଶ କମିବାରେ ଲାଗିଛି । କ୍ଷେତରେ ଅଧିକ କୀଟାଣୁନାଶକ ପକାଇବା ଏହାର ସବୁଠାରୁ ବଡ଼ କାରଣ । ଏହି ବିଷ ସେମାନଙ୍କ ଦେହକୁ ଯିବାରୁ ସେମାନଙ୍କ ଅଣ୍ଡା ଦେବା କ୍ଷମତା କମିଯାଉଛି । ଯାହାବି’ ଅଣ୍ଡା ହେଉଛି, ତାହାର ଖୋଳ ପତଳା ହେଉଛି । ଏଣୁ ତହିଁରୁ ଅନେକ ଫାଟି ନଷ୍ଟ ହେଉଛି ।

ଏହାଛଡ଼ା ଗଛ କମିଯିବାରୁ ଏମାନଙ୍କୁ, ବସା ବାନ୍ଧିବା ପାଇଁ ଜାଗାର ଅଭାବ ପଡୁଛି । ପୁଣି, ଖାଦ୍ୟଶସ୍ୟ ଖାଇ ଦେଉଥିବାରୁ କେତେକ ଜାଗାରେ ଏହାଙ୍କୁ ମାରି ଦିଆଯାଉଛି । ସେଥିପାଇଁ ଚୀନ୍ ଭଳି କେତେକ ଦେଶରେ କାଉମାନଙ୍କ ବଂଶ ବଢ଼ାଇବାକୁ ଯୋଜନା ହୋଇଛି । ସେଠାରେ କାଉ ପାଳି ସେମାନଙ୍କ ଠାରୁ ଅଣ୍ଡା ସଂଗ୍ରହ କରାଯାଉଛି । ତାହାକୁ ଅଣ୍ଡା ଉଷୁମାଯନ୍ତ୍ରରେ ଉଷୁମାଇ ଛୁଆ କରାଯାଉଛି । ସେ ଛୁଆ ଟିକେ ବଡ଼ ହୋଇଗଲେ ଛାଡ଼ି ଦିଆଯାଉଛି ।’’

ସେତେବେଳକୁ ଢେର ସଂଜ ହୋଇସାରିଥାଏ । କଥାଟି କହିସାରି ଭାଇ ହାତଘଡ଼ିକୁ ଚାହିଁଲେ । ସାତଟା ବାଜିବାକୁ ୨/୩ ମିନିଟ ଥାଏ । ତେଣୁ ସେ କହିଲେ ‘‘ଆରେ, କେତେବେଳେ ‘ସମାଚାର’ ସମୟ ହୋଇ ଗଲାଣି ? ଚାଲ ଟି.ଭି. ଖୋଲିବା... ।’’

ଏଥର ଚାରିହେଁ ଉଠିଲେ ଯିବାକୁ । ଯାଉ ଯାଉ ଟିମା ଟାପରା କରି ଭେଜେଙ୍କୁ କହିଲା– ‘‘ଏଣିକି ଗାଧୋଇସାରି ଖାଲି ଜହ୍ନା ପିମ୍ପୁଡ଼ିଙ୍କୁ ଗୁଡ଼ ଟିକେ ଦେଲେ ଚଳିବ ନାହିଁ । କାଉଙ୍କୁ ଚାଉଳ ମୁଠାଏ ବି’ ଦେବ... । ସେମାନେ ଆମର କେତେ ଉପକାରୀ ଶୁଣିଲ ତ... ?’’

Digitized by PPRACHIN, SOA

ଜେଜେ ଜବାବ ଦେଲେ – "ହଁ, ଏହା ମଧ୍ୟ ଆମ ଧର୍ମ ବିଚାରରେ ଅଛି... ।"

ଭାଇ ଟିମାକୁ ତାଗିଦ୍ କଲାଭଳି କହିଲେ – "ତୁ ଭାବୁଛୁ କି' ଛନ୍ଦା ପିମ୍ପୁଡ଼ିଙ୍କୁ ଗୁଡ଼ ଦେବା ଠିକ୍ ନୁହେଁ ବୋଲି ? କଥାରେ ଅଛି ପରା – 'ଛୋଟକୁ ନ ମଣ ସାନ' । ଏ ଜୀବଗୁଡ଼ିକ ଛୋଟ ହେଲେ କ'ଣ ହେବ, ଆମ ପରିବେଶ ପାଇଁ ତାଙ୍କର ଦାନ କମ୍ ନୁହେଁ ।"

ତା'ପରେ ସେମାନେ ଟି.ଭି. ପାଖକୁ ଗଲେ ।

Digitized by PPRACHIN, SOA

ବେଙ୍ଗ

'ସମାଚାର' ସରି ନ ଥାଏ । କୁଆଡୁ କିଛି ନ ଥିଲା ହଠାତ୍ ମୂଷଳ ଧାରାରେ ମେଘ ବରଷିବାକୁ ଲାଗିଲା । ବିଜୁଳି ଚାଲିଗଲା । ସେମାନେ ଟି.ଭି. ଦେଖିବାକୁ ଚାହୁଁଥିଲେ । ତାହା ହୋଇପାରିଲା ନାହିଁ । ଧୀରେ ଧୀରେ ଅନ୍ଧାର ଗାଢ଼ ହେଲା । ଏଣୁ ଟିମାର ସାନଭଉଣୀ ମିନୁ ବୋଉଙ୍କ ପାଖରୁ ଲଣ୍ଠନଟିଏ ନେଇଆସିଲା । ସେ ବି' ତାଙ୍କ ପାଖରେ ବସିଲା ।

ଖାଲି ବସି ବସି ଭାରି ବିରକ୍ତି ଲାଗୁଥାଏ । ଏଣୁ ତେଣୁ ଗପରେ ଯାହା ସମୟ କଟୁଥାଏ । ଏତିକିବେଳେ ବାଡ଼ି ପୋଖରୀରୁ ବେଙ୍ଗ ରଡ଼ି ଶୁଭିଲା । ଭାରି କଟକଟିଆ ସ୍ୱର । ଟିମାର ମନ ତ' ବିଗିଡ଼ି କରି ଥିଲା । ଏହା ଶୁଣି ତାକୁ ଆହୁରି ବିରକ୍ତ ଲାଗିଲା । ସେ ଚିଡ଼ିଉଠି କହିଲା – ''ଧେତ୍ ଏଗୁଡ଼ାକ



Digitized by PPRACHIN, SOA

ଏତିକିବେଳକୁ ଥିଲେ ରଡ଼ି ଛାଡ଼ିବାକୁ... । ସତେ ଯେମିତି ଆମକୁ ଖତେଇ ହେଉଛନ୍ତି । ହାବୁଡ଼େ ପଡ଼ନ୍ତେ କି' ପାହାରେ ଲେଖା ଦିଅନ୍ତି... ।''

ଏହା ଶୁଣି ମିନୁ କହିଲା– ''ବେଙ୍ଗ ମାଇଲେ ପରା କାଳା ହୁଅନ୍ତି... ।''

ତା' କଥାରେ ଟିମା ଫେଁ...ଫେଁ... ହୋଇ ହସିଉଠି କହିଲା ''ତା'ହେଲେ ତ' ବିଜ୍ଞାନ ପଢୁଥିବା ସବୁ ପିଲା କାଲା ହୋଇ ସାରନ୍ତେଣି । ସେମାନଙ୍କୁ ପରା ବେଙ୍ଗ କାଟି ପରୀକ୍ଷା କରିବାକୁ ପଡ଼େ ।''

ମିନୁକୁ ଏକଥା ଜଣା ନ ଥିଲା । ସେ ପରତେ ନ ଯାଇ ପଚାରିଲା– ''ସତେ ନା' କ'ଣ... ?''

ତା'ପରେ ସେ ଆଡ଼ ଚାହାଣିରେ ଭାଇଙ୍କୁ ଚାହିଁ ମୁରୁକିହସା ଦେଇ କହିଲା– ''ଭାଇ ତ' ଆମର ବିଜ୍ଞାନ ପଢୁଛନ୍ତି । ସେ କ'ଣ ବେଙ୍ଗ କାଟନ୍ତି... ?''

ଟିମା କିଛି ଜବାବ ଦେବା ଆଗରୁ ଭାଇ କହିଲେ– ''ହଁ..., ମୁଁ ଏକା କାହିଁକି ? ବିଜ୍ଞାନ ପଢୁଥିବା ସବୁ ପିଲା ଏହା କରନ୍ତି । ଏଣୁ ବେଙ୍ଗ ମାଇଲେ କାଲ ହେବା କଥାଟା ମିଛ... ।''

ତାକୁ ଆଉ ଆଗକୁ କୁହାଇ ନ ଦେଇ ଜେଜେ ମାଡ଼ିବସି କହିଲେ– ''କ'ଣ କହିଲୁ ? ତୁ ବେଙ୍ଗ କାଟୁଛୁ ? ନିରୀହ ଜୀବଗୁଡ଼ାକୁ ମାରିବା କଅଣ ପାପ ନୁହେଁ... ?''

ଭାଇ ମୁରୁକିହସି ମୁଣ୍ଡ ଟୁଙ୍ଗାରିଲା । ସେ କହିଲେ– ''ବେଙ୍ଗ ଖାଲି ନିରୀହ ନୁହେଁ, ଆମର ଅତି ଉପକାରୀ ମଧ୍ୟ । ଏହାକୁ ମାରିବା ନିଶ୍ଚୟ ପାପ । କାରଣ, ପାପ କଲେ ମଣିଷର କ୍ଷତି ହୁଏ ବୋଲି ପୁରାଣରେ ଅଛି । ଅଧିକ ସଂଖ୍ୟାରେ ବେଙ୍ଗ ମାରିବା 'ବି' ଆମପାଇଁ ଭାରି କ୍ଷତିକାରକ ।''

ଏହା ଶୁଣି ଜେଜେ ଖୁସିଟାଏ ହେଲେ । ସେ ପଚାରିଲେ– ''ବେଙ୍ଗ ଭଳି ସାନ ଜୀବଟାଏ ପୁଣି ଆମର କି' ଉପକାର କରେ ?''

Digitized by PPRACHIN, SOA

ଭାଇ– "ଦୁନିଆରେ ବହୁତ କିସମର କୀଟପତଙ୍ଗ ଅଛନ୍ତି । ସେମାନଙ୍କ ଭିତରୁ କେତେକ ଆମର ଉପକାରୀ ସତ, ହେଲେ, ଆଉ କେତେକ ଭାରି ଅପକାରୀ । ସେମାନେ ଫସଲକୁ ହାନି ପହଚାନ୍ତି । ଆମର ସ୍ୱାସ୍ଥ୍ୟହାନି ଘଟାନ୍ତି । ବେଙ୍ଗ ସେମାନଙ୍କୁ ଖାଇଯାଏ । ଏଣୁ ସେମାନଙ୍କ ବଂଶ ନିହାତି ବଢ଼ିଯାଏ ନାହିଁ । ପରୀକ୍ଷାରୁ ଜଣାପଡ଼ିଛି ଯେ' ଗୋଟିଏ ବେଙ୍ଗ ଦିନକୁ ତା' ନିଜ ଓଜନର କୀଟପତଙ୍ଗ ଖାଇ ହଜମ କରିଦିଏ । ଏମାନଙ୍କ ସଂଖ୍ୟା ଲକ୍ଷ ଲକ୍ଷ ହେବ ।"

ଟିମା– "ତା'ହେଲେ ତ ମିନୁ ଯାହା କହୁଥିଲା ଏକବାରକେ ମିଛ ନୁହେଁ । ବେଙ୍ଗ ମାଇଲେ ଆମେ କାଲ ନ ହୋଇପାରୁ, ତେବେ, ଭୋକିଲା କି ରୋଗାତ' ହେବୁ... ।"

ଭାଇ– "ହଁ..., ସେଥିପାଇଁ ପରା ବେଙ୍ଗଙ୍କ ବଂଶ କମିଯିବାରୁ ଆମ ଦେଶରେ ଭାଳେଣି ପଡ଼ିଲାଣି ।"

ଟିକି ସଙ୍ଗେ ସଙ୍ଗେ ପଚାରିଦେଲା– "ତାହା ହେଉଛି କାହିଁକି ?"

ଭାଇ ଜବାବ ଦେଲେ– "କେତେ ଜାତିର ବେଙ୍ଗଙ୍କ ଗୋଡ଼ ଭାରି ସୁଆଦିଆ । ସେଥିରେ ବେଶ୍ ମାଂସ ବି ଥାଏ । ଏଣୁ ୟୁରୋପ ମହାଦେଶରେ ତାହାର ଆଦର ବହୁତ ବେଶି । ବିଶେଷକରି ଭାରତ, ପାକିସ୍ତାନ ଓ ବଙ୍ଗଳାଦେଶରେ ମିଳୁଥିବା ବାହ୍ମଣୀବେଙ୍ଗଙ୍କ ଗୋଡ଼ ଭାରି ମାଉଁସିଆ । ଫ୍ରାନ୍ସ, ଜର୍ମାନୀ ଓ ସୁଇଜରଲ୍ୟାଣ୍ଡ ଭଳି ଦେଶରେ ଏହାକୁ ଖୁବ୍ ପସନ୍ଦ କରନ୍ତି । ତେଣୁ, ଗଲା କେତେବର୍ଷ ତଳେ ସେଠାକୁ ପ୍ରଚୁର ବେଙ୍ଗ ଗୋଡ଼ ରପ୍ତାନି ଚାଲିଥିଲା । କେବଳ ଆମ ଦେଶରୁ ଏହାର ପରିମାଣ ଥିଲା ବର୍ଷକୁ ପ୍ରାୟ ୩୦୦୦ ଟନ୍ । ଏଥିପାଇଁ ୯୦୦୦ ଟନ୍ ବେଙ୍ଗ ମାରିବାକୁ ପଡୁଥିଲା । ଏଗୁଡ଼ିକ ବଞ୍ଚିଥିଲେ କେବଳ ଗୋଟିଏ ବର୍ଷାଋତୁ ଭିତରେ ୮୧୦,୦୦୦ ଟନ୍ ହାନିକର କୀଟପତଙ୍ଗ ଖାଇଥାନ୍ତେ । ଏଣୁ ବେଙ୍ଗ ଗୋଡ଼ ରପ୍ତାନୀ କରି ଆମେ କିଛି ଟଙ୍କା ସିନା କମେଇଲୁ, ହେଲେ, ଅଲଗା ବାଟରେ ଅଧିକ କ୍ଷତି ସହିଲୁ । ବେଙ୍ଗ ସଂଖ୍ୟା କମିବାରୁ ରୋଗଜୀବାଣୁ ବଂଶ ବଢ଼ିଲା । ଏଣୁ ମେଲେରିଆ ଭଳି ରୋଗ ମାଡ଼ିଲା ।

Digitized by PPRACHIN, SOA



ସେଥିପାଇଁ ବିଦେଶରୁ ଔଷଧ କିଣାହେଲା । ସେହିଭଳି କ୍ଷେତରେ ବି କୀଟପତଙ୍ଗ ଅଧିକ ହେଲେ । ତା'ପାଇଁ ବିଦେଶରୁ କୀଟାଣୁନାଶକ ଔଷଧ ମଧ୍ୟ କିଣିବାକୁ ପଡ଼ିଲା । ତା'ଛଡ଼ା ଏହି ବିଷଗୁଡ଼ିକ କ୍ଷେତରେ ପଡ଼ିବା ଫଳରେ ଉପକାରୀ କୀଟପତଙ୍ଗ ସବୁ ମଲେ । ମାଟିକୁ ଉର୍ବର କରୁଥିବା ସାନ ସାନ ପ୍ରାଣୀଙ୍କର ବଂଶ ବୁଡ଼ିଲା । ପାଣି ପବନ ଦୂଷିତ ହେଲା । ଏଣୁ ଲୋକେ ବି' ରୋଗା ହେଲେ । ଅତଏବ, ବେଙ୍ଗଗୋଡ଼ ବିକି ଆମେ ଯେତିକି ରୋଜଗାର କଲୁ, ଔଷଧ କିଣିବାରେ ତାହାଠାରୁ ବେଶି ଖର୍ଚ୍ଚ କଲୁ ।''

ଏତିକିବେଳେ, ବୋଉ ରୋଷେଇଘରୁ ମିନୁକୁ ଡାକିଲେ, ସେ ତାଙ୍କ ପାଖକୁ ଗଲା, କିଛି ସମୟ ପରେ ଜଳଖିଆ ଧରି ଫେରିଲା – ମୁଢ଼ି ଓ ନଡ଼ିଆ । ବରଷା ପାଗକୁ ଭାରି ଭଲ । ସଭିଏଁ ଖାଇବାକୁ ଆରମ୍ଭ କଲେ । ନଡ଼ିଆଖଣ୍ଡେ ଚୋବାଉ ଚୋବାଉ ଟିମା କହିଲା – ''ଜୀବଟା ଆମର ଏତେ ଉପକାର କରୁଛି । ତାକୁ ମାରିବା ତ' ବଡ଼ ଭୁଲ୍ କାମ... ।''

Digitized by PPRACHIN, SOA

ଭାଇ– "ହଁ, ପ୍ରକୃତି ଆମ ସମସ୍ତଙ୍କର ମାଆ । ସେ ମଣିଷକୁ ତିଆରି କରିଛି, ବେଙ୍ଗକୁ ବି ତିଆରି କରିଛି । ତା'ପାଇଁ ସଭିଏଁ ଦରକାରୀ । ଆମେ ବୁଦ୍ଧିଆ ହେଲୁ ବୋଲି ଅନ୍ୟମାନଙ୍କ ବଂଶ ବୁଡ଼ାଇବୁ, ଏକଥା ଭଲ ହେବ କିପରି ? ସେପରି କଲେ, ତା' ପରିଣାମ ଆମ ଉପରେ ବି' ପଡ଼ିବ । ଏହାଦ୍ୱାରା ଆମର ହାନି ଘଟିବ ।"

ଟିକି– "ଗୁରୁଜୀ କହୁଥିଲେ ଯେ' ବାଘ, କୁମ୍ଭୀର ଭଳି ଜୀବଙ୍କର କୁଆଡ଼େ ବଂଶ ବୁଡ଼ିଯାଉଛି । ସେଥିଲାଗି ତାହାଙ୍କୁ ନ ମାରିବା ପାଇଁ ସରକାର ନିୟମ କରିଛନ୍ତି । ତାଙ୍କ ରହିବାପାଇଁ ବଣୁଆ ଜାଗାମାନ ଛାଡ଼ି ଦେଇଛନ୍ତି । ତେବେ, ବେଙ୍ଗପରି ଉପକାରୀ ଜୀବ ଲାଗି ସେମିତି କିଛି କରୁ ନାହାନ୍ତି କାହିଁକି ?"

ଭାଇ ମୁରୁକିହସଟିଏ ହସି ଟିକି କଥାକୁ ତାରିଫ୍ କଲେ । ସେ କହିଲେ– "ବେଙ୍ଗ ପାଇଁ ବି' ସରକାର ନିୟମ କଲେଣି । ଏଥିରେ ବେଙ୍ଗଗୋଡ଼ ବିଦେଶ ପଠାଇବାକୁ ବେଆଇନ୍ କରାଯାଇଛି... ।"

ତାଙ୍କ ପାଟିରୁ କଥା ଛଡ଼େଇନେଇ ମିନୁ ପଚାରିଲା "ତା'ହେଲେ ପୁଣି ବେଙ୍ଗ ବଂଶ କମୁଛି କାହିଁକି ?"

ଭାଇ– "ଏହାର ଆଉ ବି କେତେକ କାରଣ ଅଛି । ଆଜିକାଲି ଆମେ କ୍ଷେତ, ବାଡ଼ି ବଗିଚାରେ କୀଟମରା ଔଷଧ ପକାଉଛୁ । ସେଗୁଡ଼ାକ ଅତି ଉତ୍‌କଟ ବିଷ । ତାହା ପାଣିରେ ମିଶି ବେଙ୍ଗଫୁଲାଙ୍କୁ ନଷ୍ଟ କରିଦେଉଛି । ଏଣୁ ବେଶି ଛୁଆ ହେଉ ନାହାନ୍ତି । ତା'ଛଡ଼ା କୀଟପତଙ୍ଗ କମିଯିବାରୁ ବେଙ୍ଗଙ୍କୁ ଖାଦ୍ୟ ମିଳୁନି ।

ସେହିପରି, ବେଙ୍ଗ ବଂଶହାନିର ଆଉ ଗୋଟିଏ କାରଣ ହେଲା ସ୍କୁଲ କଲେଜରେ ବେଙ୍ଗକଟା । ବର୍ଷକୁ ଆମ ଦେଶରେ ଏଥିପାଇଁ ପ୍ରାୟ ୩୦/୩୫ ନିୟୁତ ବେଙ୍ଗ ମରାଯାଉଛି... ।"

ତାଙ୍କୁ ଆଉ କହିବାକୁ ନ ଦେଇ ମିନୁ ପଚାରିଲା– "ସେ ପାଠଟା କ'ଣ ଉଠେଇ ଦେଲେ ଚଳିବନି ?

Digitized by PPRACHIN, SOA

ଏହା ଶୁଣି ଟିମା ଚଟାପଟ୍ ଜବାବ ଦେଲା– ''ଚଳିବ କେମିତି କହୁନୁ ? ବିଜ୍ଞାନ ପଢ଼ାପାଇଁ ପରା ଏହା ଦରକାର... ।''

ଭାଇ– ''ଏହାରି ଉପରେ ଏବେ ବାଦବିବାଦ ଚାଲିଛି । କେତେକ କହୁଛନ୍ତି ଯେ' ଅନ୍ୟବାଟରେ ଏ ପାଠ ପଢ଼ିହେବ । କିଛି ବର୍ଷତଳେ ମିନୁଭଳି ଝିଅଟିଏ ଏ ପ୍ରଶ୍ନ ଉଠାଇଥିଲା । ଶେଷରେ ତାକୁ ବେଙ୍ଗ ନ କାଟି ବିଜ୍ଞାନ ପଢ଼ିବାକୁ ଅନୁମତି ମିଳିଲା ।''

ଏହା ଶୁଣି ମିନୁ ଖୁସିଟାଏ ହେଲା । ଅତି ଆଗ୍ରହରେ ସେ ପଚାରିଲା– ''ତାହା କଅଣ କେମିତି ହେଲା ଟିକେ କହିଲ ଭାଇ... ।''

ଭାଇ କହିଲେ– ''ସେ ଝିଅଟିର ନାଁ ଜେନିଫେର୍ ଗ୍ରାହାମ୍ । ଆମେରିକା କାଲିଫର୍ଣିଆରେ ତା'ଘର । ସେଇଠି ସେ ଗୋଟିଏ ସ୍କୁଲରେ ପଢୁଥିଲା । ବିଜ୍ଞାନରେ ତାଙ୍କ ଦେଶ ଆମଠାରୁ ଆଗୁଆ । ତେଣୁ ପାଠରେ ବି ସେମାନେ ଆଗୁଆ । ଆମଦେଶରେ କଲେଜରେ ନ ପଢ଼ିଲାଯାଏ

Digitized by PPRACHIN, SOA

ପିଲାଙ୍କୁ ନିଜ ହାତରେ ବିଜ୍ଞାନ ପରୀକ୍ଷା କରିବାର ସୁଯୋଗ ମିଳେନା । ହେଲେ, ଆମେରିକାରେ ସ୍କୁଲ ପିଲାମାନେ ତାହା କରନ୍ତି । ତହିଁରୁ ଗୋଟିଏ ହେଲା ବେଙ୍ଗ ଦେହ ଭିତରର ଗଠନ ପରୀକ୍ଷା କରି ଦେଖିବା । ସେଥିରୁ ତା'ର ରକ୍ତ ସଂଚାଳନ କିପରି ହେଉଛି, ହୃତ୍‌ପିଣ୍ଡ କିପରି କାମ କରୁଛି, ସ୍ନାୟୁବ୍ୟବସ୍ଥା କିପ୍ରକାର ତାହା ସବୁ ଜାଣିହୁଏ । ଏଥିପାଇଁ ବେଙ୍ଗକଟା ହେବା ନିହାତି ଜରୁରି । ହେଲେ, ଜେନିଫେର ସେ କାମ କରିବାକୁ ମନା କରିଦେଲା । ଶିକ୍ଷକ ଯେତେ ବୁଝାଇଲେ ବୁଝିଲା ନାହିଁ । ସେ ଜିଦ୍ ଧରି ବସିଲା ଯେ' ବେଙ୍ଗ କାଟିବ ନାହିଁ ।''

ମିନୁ– ''ତା'ପରେ କଅଣ ହେଲା ?''

ଭାଇ– ''ଶିକ୍ଷକମାନେ ଅଡୁଆରେ ପଡ଼ିଲେ । ପାଠରେ ଅଛି ବେଙ୍ଗମାରି ପରୀକ୍ଷା କରିବାକୁ । ତାହା ନ କଲେ ପିଲା ପାସ୍ କରିବ କିମିତି ? ତାକୁ ଏ କଥା କହିଲାରୁ ସେ ଓଲଟା ଯୁକ୍ତିକଲା । କହିଲା ଯେ' ଏ ବିଷୟରେ ପଢ଼ିବାକୁ ଅନେକ ଚିତ୍ର ଓ ମଡ଼େଲ୍ ଅଛି । ଥରେ ଗୋଟିଏ ବେଙ୍ଗ କାଟି ତା'ର ଚିତ୍ର ନେଇଗଲେ କମ୍ପ୍ୟୁଟର୍ ଓ ଟେଲିଭିଜନ ଦ୍ୱାରା ତା'ଦେହ ଭିତର କଥା ଜାଣିହେବ । ଏଥିପାଇଁ ବେଙ୍ଗଭଳି ଉପକାରୀ ଜୀବଗୁଡ଼ିକୁ ମାରିବା ମୋଟେ ଦରକାର ନାହିଁ ।

ମାମଲା କଚେରିକୁ ଗଲା । ବିଚାରପତିମାନେ ଜେନିଫର୍ ସହିତ ଏକମତ ହେଲେ । ସେ ଜିତିଲା । ବେଙ୍ଗକଟା ପରୀକ୍ଷା ନ କରି ମଧ୍ୟ ପାସ୍ କଲା ।''

ଭାଇଙ୍କ କଥା ଶୁଣି ମିନୁ ଖୁସିରେ ତାଳିମାରି ନାଚିଉଠିଲା । ସେ କହିଲା– ''ଠିକ୍ ହୋଇଛି... । ଆମ ଦେଶରେ ବି' ବେଙ୍ଗ କଟାର ଏମିତି ବିରୋଧ ହେବା ଉଚିତ ।''

ଟିମା ତା'ଖୁସି ସହିପାରିଲା ନାହିଁ । ସେ ଚିଡ଼ିଚିଡ଼ା ସ୍ୱରରେ କହିଲା– ''ଥାଉ..., ଥାଉ... ବେଶି ବାହାଦୁରି ଦେଖାନା... । ଆଗ କଲେଜ ମାଟି ମାଡ଼..., ବିଜ୍ଞାନ ପଢ଼ିଲେ ଏକଥା ଉଠେଇବୁ... ।''

Digitized by PPRACHIN, SOA

ମିନୁ ଟିକେ ଦବିଗଲା । ତା'ର ମନେପଡ଼ିଗଲା ଯେ' କଲେଜରେ ବିଜ୍ଞାନ ପଢ଼ିବାକୁ ହେଲେ ସ୍କୁଲ ପରୀକ୍ଷାରେ ଭଲ ନମ୍ବର ରହିବା ଦରକାର । ତେବେ ଏହା ଲକ୍ଷ୍ୟକରି ଭାଇ କହିଲେ – ''ମିନୁ କିଛି ଭୁଲ୍ କହୁନି । ବେଙ୍ଗ କଥା ପାଠ ବନ୍ଦ କରିବାକୁ ଆମ ଦେଶରେ ବି' କେତେକ କହିଲେଣି । ହେଲେ, ଆମେରିକା ପରି ଏଠି ତ' କମ୍ପ୍ୟୁଟର ସବୁଠାରେ ନାହିଁ । ଏଣୁ ତାହା ବନ୍ଦ କରିଦେଲେ ଅସୁବିଧା ହୋଇପାରେ । ପିଲାମାନେ ନିଜ ହାତରେ ବେଙ୍ଗକାଟି ନ ଦେଖିଲେ ଆଗକୁ ଡାକ୍ତରୀ ପଢ଼ିଲାବେଳକୁ ଅସୁବିଧାରେ ପଡ଼ିବେ । ସେଥିପାଇଁ ଏବେ ଏହା ଉପରେ ବାଦବିବାଦ ଚାଲିଛି ।''

ସେତେବେଳକୁ ବରଷା ଥମି ଯାଇଥାଏ । ପରେ ପରେ ବିଜୁଳି ବି' ଆସିଗଲା । ଅନ୍ଧାରରେ କେତେବେଳେ ଚେମେଣିଟାଏ ଘର ଭିତରେ ପଶି ଯାଇଥିଲା । ଆଲୁଅ ଆସିବାରୁ ସେ ଫଡ୍ ଫଡ୍ ହୋଇଉଠିଲା । ଏ ଯାଏ ଜେଜେ ଚୁପ୍‌ଚାପ୍ ହୋଇ ଢୋଳାଉଥିଲେ । ସେ ଚମକିଉଠି ତାକୁ ତଡ଼ିଦେବାପାଇଁ ଟିମାକୁ କହିଲେ । ଟିମା ବାଡ଼ିଟିଏ ଧରି ତାକୁ ତଡ଼ିବାରେ ଲାଗିଲା । ଏତିକିବେଳେ ଚେମେଣିର ଡେଣା ବାଜି ବୁଢ଼ିଆଣୀ ବସାଟାଏ ଭାଙ୍ଗିଗଲା । ସେଥିରେ ଥିବା ବୁଢ଼ିଆଣୀ ଜେଜେଙ୍କ ମଥା ଉପରେ ଗଳି ପଡ଼ିଲା ।

ଜେଜେ ଚିହିଁକି ଉଠିଲେ । ହାତରେ ତାକୁ ଛାଟି ଦୂରକୁ ଫୋପାଡ଼ି ଦେଉ ଦେଉ କହିଲେ ''ରାମ୍...ରାମ୍... କି ବିପଦ ! ବୁଢ଼ିଆଣୀଟାଏ ମଥା ଉପରେ ପଡ଼ିଲାଣି... ।''

ଟିମା ତାଙ୍କୁ ଟାପରା କରି କହିଲା – ''ବିପଦ,... ବିପଦ ପୁଣି କ'ଣ.... ? ବୁଢ଼ିଆଣୀ ତ' ଆଉ ବୋମା ହୋଇନି ଯେ'... ।''

ଜେଜେ ତା'ଉପରେ ଚିଡ଼ିଉଠି କହିଲେ ''ରଖ୍ ତୋ' ଚେହେଲିଆ କଥାଗୁଡ଼ାକ... । ବୁଢ଼ିଆଣୀ ମଥାରେ ପଡ଼ିବା କେତେ ଅଶୁଭ ଜାଣିଛୁ... ?''

Digitized by PPRACHIN, SOA

ଟିମା ଜବାବ ଦେଲା – "ବୁଢ଼ିଆଣୀ ଅଶୁଭ ହେବ କାହିଁକି ? ଏହାପରା ଆମର ଅନେକ ଉପକାର କରେ ବୋଲି ଗୁରୁଜୀ କହୁଥିଲେ... ।"

ଢେଢେ ଆହୁରି ବିଗିଡ଼ିଗଲେ । ସେ ସ୍ୱରକୁ ମୋଟାକରି କହିଲେ – "ଥାଉ, ଥାଉ ତୋ' ପଣ୍ଡିତପଣିଆ... । ବୁଢ଼ିଆଣୀ ଆମର କି' ଉପକାର କରେ କହିଲୁ... ?"

ଟିମା ପାଖରେ ଏହାର ଜବାବ ନ ଥିଲା । ସେ ଅସହାୟ ଭାବେ ଭାଇଙ୍କ ମୁହଁକୁ ଚାହିଁଲା । ଭାଇ ପ୍ରଥମେ ମିଛିମିଛିକା ରାଗଟାଏ ରାଗି ତାଙ୍କୁ କହିଲେ – "ଗୁରୁଜନଙ୍କ ସହିତ ଏମିତି କଥାବାର୍ତ୍ତା ମୋର ମୋଟେ ପସନ୍ଦ ନୁହେଁ । ତୁ ଆଗ ଢେଢେଙ୍କୁ ଭୁଲ୍ ମାଗ । ସେ ଯଦି ରାଜି ହେବେ ତା'ହେଲେ ଯାଇ ମୁଁ ବୁଢ଼ିଆଣୀଙ୍କ ଉପକାରିତା କଥା ବୁଝାଇଦେବି ।

ଏହା ଶୁଣି ଟିମା ଚଟାପଟ୍ ଢେଢେଙ୍କ ହାତଧରି ପକାଇଲା । ମୁରୁକି ହସାଟିଏ ହସି ସେ ଭୁଲ୍ ମାଗିଲା । ମିନୁ ବି' ତାଙ୍କ କାନ୍ଧରେ ଲାଉ ହୋଇ ପଡ଼ିଲା ଓ ତାଙ୍କୁ ମାନିଯିବା ପାଇଁ ଅଳି କଲା । ଏଣୁ ଢେଢେଙ୍କ ରାଗିଲା ମୁହଁରେ ହସ ଫୁଟିଲା । ସେ କହିଲେ – "ରାଜି ଆଉ ନ ହେବି କେମିତି ? ମୋର କଅଣ ସେ କଥା ଶୁଣିବାକୁ ଇଚ୍ଛା ନାହିଁ ଯେ'... ?"

ଏହା ଶୁଣି ମିନୁ ଖୁସିରେ ତାଳିମାରି ନାଚି ଉଠିଲା । ହେଲେ, ଭାଇ ପୁଣି କହିଲେ – "ଏଥର କହିବାରେ ମୋର କିଛି ଆପତ୍ତି ନାହିଁ । ତେବେ, ତା' ଆଗରୁ ଚା' କପେ ଦରକାର... ।"

ମିନୁ ଚଟାପଟ୍ ଉଠିଗଲା ଚା' ଆଣିବାକୁ । ଅନ୍ୟମାନେ ତା' ଅପେକ୍ଷାରେ ରହିଲେ ।

Digitized by PPRACHIN, SOA

ବୁଢ଼ିଆଣୀ

କିଛି ସମୟ ପରେ ଦି' କପ୍ ଚା' ଧରି ମିନୁ ଫେରିଲା । ତହିଁରୁ ଗୋଟିଏ ଜେଜେଙ୍କୁ ଓ ଆରଟି ଭାଇଙ୍କୁ ବଢ଼ାଇଦେଲା । ସେ ଡାଲାରେ କିଛି ବାଦାମ ଭଜା ମଧ ଆଣିଥିଲା । ତାକୁ ତଳେ ରଖିଦେଇ ବସିପଡ଼ିଲା । ଟିମା ଓ ଟିକି ଡାଲା ପାଖକୁ ଘୁଞ୍ଚି ଆସିଲେ । ବାଦାମ ଖିଆ ଚାଲିଲା । ଏହା ଭିତରେ ଭାଇ ଦି ଢୋକ ଚା' ପିଇଦେଲେ । ତା'ପରେ ସେ କହିବାକୁ ଆରମ୍ଭ କଲେ– "ଆଚ୍ଛା କହିଲ ଦେଖି, ବୁଢ଼ିଆଣୀ କେମିତିଆ ଜାଗାରେ ଜାଲ ତିଆରି କରେ ?"

ମିନୁ ଚଟାପଟ୍ ଜବାବ ଦେଲା– "ଘରକଣ, ଚାଳ ଓ ଅନ୍ଧାରିଆ ଜାଗାରେ... ।"

ବାଦାମଖିଆ ଛାଡ଼ି ଟିକି କହିଲା– "ଧାନବିଲ, ଗଛଡାଳ ଆଦିରେ ବି' ତ ବୁଢ଼ିଆଣୀ ଜାଲ କରେ... ।"

ଟିମା ତା' ସହିତ ଯୋଗ ଦେଲା– "କାରଣ, ପୋକ ଜୋକ ତା'ର ଆହାର । ଏମିତିଆ ଜାଗାରେ ତାହା ବେଶି ମିଳେ ।"

ଭାଇ– "ହଁ..., ଠିକ୍ କହିଛ... । ଏହି ପୋକ ଜୋକଗୁଡ଼ିକ ଆମର ହାନିକାରକ । ସେମାନେ ନାନାଦି' ରୋଗ କରାନ୍ତି । ଫସଲ ବି' ନଷ୍ଟ କରନ୍ତି । ଏଣୁ ସେଗୁଡ଼ିକୁ ଖାଇଯାଉଥିବା ବୁଢ଼ିଆଣୀ କ'ଣ ଆମର ଉପକାରୀ ହେଲାନି ?"

ସେତେବେଳକୁ ଜେଜେ ଚା' ପିଆ ଶେଷ କରିଦେଇଥାନ୍ତି । ସେ କହିଲେ– " ହଁ..., ଭାରି କଥାଟାଏ କହିଲା... । ବୁଢ଼ିଆଣୀ ଏଡ଼େ ଟିକେ ଜୀବ, ସେ ଅବା କେତେ ପୋକ ଜୋକ ଖାଉଥିବ ?"

ଭାଇ– "ଜୀବଟି ଦେଖିବାକୁ ସିନା ସାନ, ହେଲେ, ତା' ଆହାର କମ୍ ନୁହେଁ । ଦିନକୁ ସେ ନିଜ ଓଜନଠାରୁ ଅଧିକ ଖାଇପାରେ । ଦୁନିଆଯାକର

Digitized by PPRACHIN, SOA

ବୁଢ଼ିଆଣୀ ଗୋଟିଏ ଦିନରେ ଯେତିକି ପୋକଜୋକ ଖାଆନ୍ତି ତାହା ସବୁ ମଣିଷଙ୍କ ଓଜନଠାରୁ ବି ବେଶି । ତା'ହେଲେ ସେମାନଙ୍କ ସଂଖ୍ୟା କେତେ ଅନୁମାନ କରିପାରୁଛ ତ' ? ଆମଠାରୁ କୋଟି କୋଟି ଗୁଣ ଅଧିକ । କହିଲ ଦେଖି ବୁଢ଼ିଆଣୀ ଯଦି ସେଗୁଡ଼ାକ ନ ଖାଉଥାନ୍ତେ ଆମ ଫସଲର କି ହାନି ନ ହେଉଥାନ୍ତା ?''

ଏହା ଶୁଣି ଜେଜେ ଚମକି ଉଠିଲା ପରି କହିଲେ – ''ଏଁ.. ଜୀବଟା ଆମର ଏତେ ଉପକାର କରୁଛି, ଅଥଚ ଆମେ ତାକୁ ଅଶୁଭ ମନେକରୁଛୁ ? ଏ କଥା ତ' ଠିକ୍ ନୁହେଁ... ।''

ତାଙ୍କ ପାଟିରୁ କଥା ଛଡ଼େଇ ନେଇ ଟିମା କହିଲା – ''ଅନ୍ଧବିଶ୍ୱାସ କ'ଣ କେବେ ଠିକ୍ ହେଲାଣି ଯେ' ଏଠି ହେବ ?''

ଜେଜେ ତା' ସହିତ ଏକମତ ହେଲେ ନାହିଁ । ସେ କହିଲେ – ''କଥାଟା ଅନ୍ଧବିଶ୍ୱାସ ହୋଇପାରେ, ତେବେ, ତା'ମୂଳରେ କଅଣ କିଛି କାରଣ ନାହିଁ ?''

ଟିମା ତାଙ୍କୁ ଓଲଟି ପଚାରିଲା – ''କି' କାରଣ ଥାଇପାରେ ଯେ'... ?''

ତା'କଥାରେ ବାଧାଦେଇ ଭାଇ କହିଲେ – ''ବୁଢ଼ିଆଣୀକୁ ଆମେ କାହିଁକି ଅମଙ୍ଗଳିଆ ବୋଲି ଭାବୁ ତାହା କେହି କହିପାରିବେ ନାହିଁ । ତେବେ, ଏହାର କେତେକ ଜାତି ବିଷାକ୍ତ । ବୋଧହୁଏ, ପ୍ରଥମେ ସେହିଗୁଡ଼ିକୁ ଏବଂ ତା'ପରେ ଧୀରେ ଧୀରେ ସବୁଜାତିର ବୁଢ଼ିଆଣୀଙ୍କୁ ଏମିତି ମନେ କରାଯାଇଥିବ... ।''

ଏହା ଶୁଣି ମିନୁ କହିଲା – ''ତା'ହେଲେ କେଉଁ ବୁଢ଼ିଆଣୀ ଭଲ ଆଉ କେଉଁଟି ବିଷାକ୍ତ ତାହା ତ' ଜାଣିବା ନିହାତି ଦରକାର ।''

ଟିକି ତା' ସହିତ ତୁଆ ଦେଲା – ''ହଁ...ହଁ...ନିଶ୍ଚୟ... । ତା'ହେଲେ ସିନା ତାଙ୍କଠାରୁ ନିଜକୁ ବଞ୍ଚାଇ ରଖିହେବ... ।''

Digitized by PPRACHIN, SOA

ଭାଇ – "ଆମ ଘରବାଡ଼ିରେ ଜାଲ ବୁଣୁଥିବା ବୁଢ଼ିଆଣୀଙ୍କର ପ୍ରାୟ ବିଷ ନାହିଁ । ହେଲେ, କାହାଳୀବସା ବୁଢ଼ିଆଣୀ ଭାରି ବିଷାକ୍ତ, ଏହାର ଜାଲ ମଝିଟା କାହାଳୀ ଆକାରର । ସେଥିପାଇଁ ତା' ନାଁ ଏମିତି । ମେରୁଦଣ୍ଡ ଥିବା ସବୁ ପ୍ରାଣୀଙ୍କୁ ତା' ବିଷ କାଟୁ କରେ । ସେହିପରି ଅନ୍ୟସବୁ ବିଷାକ୍ତ ବୁଢ଼ିଆଣୀ ହେଲେ ଜୋତା ବୋତାମ ବୁଢ଼ିଆଣୀ ଓ କଳା ବିଧବା ବୁଢ଼ିଆଣୀ । ଜୋତା ବୋତାମ ବୁଢ଼ିଆଣୀର ଆକାର କେତେକ ଜୋତାରେ ଲାଗିଥିବା ବୋତାମ ଭଳି । ସେହିପରି କଳାବିଧବା ବୁଢ଼ିଆଣୀର ସ୍ୱଭାବ ଭାରି ବିଚିତ୍ର । ଏହା ନିଜ ସ୍ୱାମୀକୁ ଖାଇଦିଏ । ତେଣୁ ତାକୁ ସେମିତି ନାଁ ଦିଆଯାଇଛି ।"

ଏତକ କହି ଭାଇ ଚା' ପିଆରେ ମନଦେଲେ । ସେତେବେଳକୁ ତାହା ଥଣ୍ଡା ହୋଇସାରିଥିଲା । ଏଣୁ ସେ ତାକୁ ଏକାଢୋକକେ ପିଇଦେଲେ । ସେହି ଅବସରରେ ଜେଜେ କହିଲେ – "ହେଲା, ଏଥର ବୁଢ଼ିଆଣୀର ଉପକାର କଥା ବୁଝିଲୁ । ତାକୁ କାହିଁକି ଅମଙ୍ଗଳିଆ ଭାବୁ ତାହା ବି' ଜାଣିଲୁ । ହେଲେ, ତା' ବିଷୟରେ ଅସଲ କଥାଟିଏ ରହିଗଲା... ।"

ଭାଇ ପଚାରିଲେ – "କେଉଁକଥା... ?"

ଜେଜେ – "ତା ଜାଲ ବୁଣାକଥା । ବୁଢ଼ିଆଣୀର ମହତପଣିଆ ସିନା ତା' ଜାଲଯୋଗୁଁ... । ସେ ଏହା କେମିତି ବୁଣେ ଟିକେ କହୁନୁ ।"

ଟିମା, ଟିକି ଓ ମିନୁ ତାଙ୍କ ସହ ଏକମତ ହେଲେ । ସେମାନେ ବି' ଏକାଠି ହୋଇ ଭାଇଙ୍କୁ ଏଥିପାଇଁ ମିନତି କଲେ । ତେଣୁ, ସେ କହିବାକୁ ଆରମ୍ଭ କଲେ –

"ବୁଢ଼ିଆଣୀର ସୂତା ଖୁବ୍ ମଜବୁତ୍ ଓ ପତଳା । ଏହାକୁ ସେ ତା'ର ଛ'ଟି ଆଙ୍ଗୁଠି ସାହାଯ୍ୟରେ ତିଆରି କରେ । ଏଗୁଡ଼ିକୁ ତନ୍ତ ଆଙ୍ଗୁଠି ବୋଲି କହନ୍ତି । ସେ ପ୍ରତ୍ୟେକରେ ଶହେ ହେବ କଣା ଥାଏ । ତହିଁରୁ ଏକପ୍ରକାର ରସ ଝରେ । ବୁଢ଼ିଆଣୀ ତା' ପଛଗୋଡ଼ ଦୁଇଟିରେ ସେଥିରୁ ସୂତା କାଟେ । ଏହା ଶୁଖିଗଲେ ଇସ୍ପାତ୍ ସୂତାଠାରୁ ବି' ଆହୁରି ଟାଣ ହୋଇଯାଏ । ଏହାର ବ୍ୟାସ ସେଣ୍ଟିମିଟରର ପ୍ରାୟ ଶହେ ଭାଗରୁ ଭାଗେ,

Digitized by PPRACHIN, SOA



କିନ୍ତୁ ଏହା ୮୦ ଗ୍ରାମ୍ ଯାଏ ଓଜନକୁ ସମ୍ଭାଳିପାରେ । ପୁଣି ଏ ସୂତାର ପ୍ରସାରିତ ହେବା ଗୁଣ ଅଛି । ଏହାକୁ ଟାଣିଲେ ନିଜ ଲମ୍ବର ପ୍ରାୟ ପାଞ୍ଚ ଭାଗରୁ ଭାଗେ ଯାଏ ଅଧିକ ଲମ୍ବା ହୋଇଯାଏ । ଇସ୍ପାତ୍ ସୂତାର ଏ ଗୁଣ ନାହିଁ । ସେଥିପାଇଁ କେତେ ଦେଶରେ ବୁଢ଼ିଆଣୀ ସୂତାକୁ ଜାଲ ତିଆରିରେ ଲଗାଇଲେଣି । ଏଥିରୁ କେତୋଟିକୁ ଏକାଠି ବଳି ତାହା କରାଯାଉଛି । କଳାବିଧବା ବୁଢ଼ିଆଣୀର ସୂତା ଅତି ସରୁ ଏବଂ ଅଧିକ ପ୍ରସାରଣକ୍ଷମ । ସେଥିପାଇଁ ଆଜିକାଲି ଏହାକୁ ବନ୍ଧୁକ ଏବଂ ବିଭିନ୍ନ ଯନ୍ତ୍ରପାତିର ଛନ୍ଦତାର (Cross wire) ତିଆରିରେ ଲଗାଯାଉଛି । ଏହାଛଡ଼ା କେତେକ ବୁଢ଼ିଆଣୀର ସୂତାକୁ ହୃଦ୍‌ପିଣ୍ଡର କୃତ୍ରିମ ଉଲ୍‌ଭ ଓ କୃତ୍ରିମ ଶିରାପ୍ରଶିରା ତିଆରିରେ ଲଗାଇବାକୁ ଗବେଷଣା ଚାଲିଛି । ଏଥିରୁ ଏକପ୍ରକାର ଗୁଳି ବିରୋଧକ ଚମଡ଼ା ମଧ୍ୟ ତିଆରି ହେଲାଣି । ଦେହ ଉପରେ ଏହାର ଗୋଟିଏ ପରସ୍ତ ରହିଲେ ତା' ଭିତର ଦେଇ ଗୁଳି ଭେଦିବ ନାହିଁ... ।''

ଭାଇଙ୍କ କଥାରେ ବାଧାଦେଇ ଟିମା ପଚାରିଲା – ''ତା'ମାନେ ସବୁପ୍ରକାର ବୁଢ଼ିଆଣୀଙ୍କ ସୂତା କ'ଣ ସମାନ ନୁହେଁ ?''

Digitized by PPRACHIN, SOA

ଭାଇ– "ନା...ଜାତି ଅନୁସାରେ ବୁଢ଼ିଆଣୀଙ୍କ ସୂତା ଅଲଗା ଅଲଗା ପ୍ରକାର ହୋଇଥାଏ । ପୁଣି ଗୋଟିଏ ବୁଢ଼ିଆଣୀର ଜାଲରେ ଲାଗିଥିବା ସବୁ ସୂତା ବି' ଏକାପ୍ରକାର ନୁହେଁ । ସେଥିରେ ଥିବା ଲମ୍ବା ସୂତାଗୁଡ଼ିକ ଟାଣ ଓ ଶୁଖିଲା । ଜୀବଟି ଏହାରି ଉପର ଦେଇ ଯା'ଆସ କରେ । ହେଲେ ଗୋଲାକାରରେ ବୁଣାହୋଇଥିବା ସୂତାଗୁଡ଼ିକ ଭାରି ଅଠାଳିଆ । ଶିକାର ଏଥିରେ ପଡ଼ିଲେ ଲାଗିଯାଏ । ସେହିପରି ଅଣ୍ଡା ରଖିବା ପାଇଁ ଏହା ଜାଲ ମଝିରେ ଖୋଳଟିଏ ତିଆରି କରିଥାଏ, ଏହାର ସୂତାଗୁଡ଼ିକ ରଙ୍ଗୀନ୍ ।"



ଏହା ଶୁଣି ଟିକି ପଚାରିଲା– "ସବୁ ସୂତାତ' ବୁଢ଼ିଆଣୀର ଆଙ୍ଗୁଠିରୁ ଝରୁଥିବା ରସରୁ ତିଆରି । ତେବେ, ତାହା ଅଲଗା ଅଲଗା ହେଉଛି କିପରି ?"

ଭାଇ ଜବାବ ଦେଲେ– "କାରଣ, ଏ ରସ ଗୋଟିଏ ପ୍ରକାର ନୁହେଁ । ବୁଢ଼ିଆଣୀର ପେଟ୍‌ତଳେ ଅତି କମ୍‌ରେ ତିନୋଟି ରସ ଥଳି ଅଛି । ସେଥିରୁ ତିନିପ୍ରକାର ରସ ବାହାରେ । ଜୀବଟି ତା' ଦରକାରକୁ ଚାହିଁ କେଉଁ ରସ

Digitized by PPRACHIN, SOA

ବାହାରିବ ତାହା ବାଛେ ଓ ସେଥିରୁ ସୂତା କାଟେ । ତେଣୁ ସେଗୁଡ଼ିକ ଅଲଗା ଅଲଗା ପ୍ରକାରର ହୁଏ ।''

ମିନୁ ଏ ଯାଏ ଚୁପ୍ ହୋଇ ସବୁ ଶୁଣୁଥିଲା । ସେ ଏବେ ପଚାରିଲା – ''ସେ ରସରେ କି' ଜିନିଷ ଥାଏ ଯେ' ତାହା ଶୁଖିଲେ ସୂତା ହୋଇଯାଏ ?''

ଭାଇ ତା' ଆଡ଼କୁ ଚାହିଁ ମୁରୁକି ହସିଲେ । ସେ କହିଲେ – ''ସାବାସ୍..., ଏତେବେଳକେ ଜାଣି କଥାଟାଏ ପଚାରିଲୁ... । ଏହା ମୋର ଆଗରୁ କହିବା ଉଚିତ ଥିଲା... ।''

ତା'ପରେ ଟିକିଏ ରହି ସେ କହିବାକୁ ଆରମ୍ଭ କଲେ – ''ବୁଢ଼ିଆଣୀର ଏ ରସରେ ଗୋଟିଏ ପ୍ରୋଟିନ୍ ଥାଏ । ତା'ନାଁ ହେଲା 'ଫାଇବ୍ରଏନ୍' (Fibroin) । ରସର ତରଳ ଜିନିଷ ଶୁଖିଗଲେ ଏହା ସୂତା ପାଲଟିଯାଏ ।''

ଭାଇ ଏତକ କହିସାରି ଚୁପ୍ ହୋଇଗଲେ । ତେଣୁ ଟିକି କହିଲା – ''ବୁଢ଼ିଆଣୀ ଆମର ଏତେ ଉପକାର କରୁଛି । ତା' ଜାଲ ଆମର ଏତେ କାମରେ ଆସେ ବୋଲି କହୁଛ । ହେଲେ, ଅଳନ୍ଧୁ କରୁଛି ବୋଲି ଆମେ ତା' ବସା ଭାଙ୍ଗି ଦେଉଛେ । ତାକୁ ମାରିଦେଉଛେ । ଏହା ତ' ବଡ଼ ଖରାପ କଥା । ବରଂ, ତା' ବଂଶ ବଢ଼ାଇବାପାଇଁ ଆମେ କାମ କରିବା ଦରକାର ।''

ଭାଇ ଜବାବ ଦେଲେ – ''ଠିକ୍ କହିଛୁ । ଅନେକ ଲୋକ ଏକଥା ବି' ଭାବୁଛନ୍ତି... । ଆଜିକାଲି ଫସଲରେ ପ୍ରଚୁର କୀଟାଣୁନାଶକ ପଡୁଛି । ଏଗୁଡ଼ିକର ବିଷରେ ବୁଢ଼ିଆଣୀ ମରିଯାଉଛନ୍ତି । ଏଣୁ ତାଙ୍କ ବଂଶ କମିଯାଉଛି । ସେଥିପାଇଁ ତାହାଙ୍କୁ ପାଳି କ୍ଷେତରେ ଛାଡ଼ିବା ଦରକାର ହେଲାଣି... ।''

ସେତେବେଳକୁ ବେଶ୍ ରାତି ହୋଇସାରିଥାଏ । ରୋଷେଇ ସରିଯିବାରୁ ବୋଉ ଖାଇବାପାଇଁ ଡାକିଲେ । ଏଣୁ ସଭିଏଁ ଉଠିଲେ ଯିବାକୁ । ଟିକି ତାଙ୍କ ଘରକୁ ବାହାରିଲା । ହେଲେ, ବୋଉ ତାକୁ ଅଟକାଇଲେ ଖାଇଦେଇ ଯିବାପାଇଁ । ତା'ପରେ ସମସ୍ତେ ଚାଲିଲେ ଠା' ପାଖକୁ ।

Digitized by PPRACHIN, SOA

ଜିଆ

ପରଦିନ ବରଷା ଲାଗି ରହିଥାଏ । ଏଣୁ କୁଆଡ଼େ ବୁଲିଯିବାର ହେଲାନି । ଭାଇ ପଢ଼ାଘରେ ବସି ପୁରୁଣା ଖବରକାଗଜ ଓଲଟାଇଲେ । ଜେଜେ ଲାଗିଥାନ୍ତି ଭାଗବତ ପଢ଼ାରେ । ସବୁଦିନେ ସକାଳୁ ଗାଧୋଇ ସାରି ସେ ଏହା କରନ୍ତି । ମିନୁ ରୋଷେଇଘରେ ବୋଉଙ୍କ ପାଖରେ ଥାଏ । ଏଣୁ ଟିମାକୁ ଏକୁଟିଆ ବସି ବସି ଭାରି ଚିଟା ଲାଗୁଥାଏ । ଯାହାହେଉ ଏତିକିବେଳେ ଟିକି ଛତାଟିଏ ଧରି ଆସି ପହଞ୍ଚିଗଲା । ଦୁହେଁ ଛକି-ଶୂନ ଖେଳି ବସିଲେ । କିଛି ସମୟ ପରେ ମିନୁ ଆସି ତାଙ୍କ ପାଖରେ ବସିଲା ।

ପିଣ୍ଡାତଳେ କାଦୁଅ ପାଣି ଜମି ରହିଥାଏ । ସେଥିରେ ଜିଆସବୁ ମନ୍ଦା ମନ୍ଦା ହୋଇ ବାହାରିଥାନ୍ତି । ମିନୁ ଉଠିଯାଇ ଡାଙ୍ଗଟିରେ ତାଙ୍କୁ କେଞ୍ଚି କେଞ୍ଚି ମାରିବାକୁ ଲାଗିଲା ।

ଭାଇ ଖବରକାଗଜ ପଢ଼ିସାରି ସେଠାରେ ଆସି ପହଞ୍ଚିଲେ । ସେ ମିନୁକୁ ତାଗିଦ କଲାପରି କହିଲେ– "କିରେ, ଇଏ କଅଣ କରୁଛୁ ? ସେଗୁଡ଼ାଙ୍କୁ ମାରୁଛୁ କାହିଁକି ?"

ମିନୁ ଜବାବ ଦେଲା– "ଦେଖୁନା ଭାଇ, କେତେ ଜିଆ... ? ଖାଲି ସାଲୁବାଲୁ ହେଉଛନ୍ତି । ଏଗୁଡ଼ାକୁ ନ ମାରିଲେ ମାଟିଗାଳି ଅସନା କରିଦେବେ... ।"

ଏହା ଶୁଣି ଭାଇ ହସିଲେ । ସେ କହିଲେ– "ମାଟିଗାଳିବା ତ' ଜିଆଙ୍କ କାମ... । ଏହା କରିବା ଫଳରେ ସେମାନେ ଆମର କେତେ ଉପକାର କରନ୍ତି ଜାଣୁ ?"

ମିନୁ ଚକିତ ହୋଇ ପଚାରିଲା– "ଉପକାର... ? ମାଟଗାଳିଲେ ଆମର କି ଉପକାର ହେବ ?"

ଭାଇ କହିଲେ– "ତୁ ଆଗ ଏଠିକ ଆ'..., ତା'ପରେ ମୁଁ କହିବି ।"

Digitized by PPRACHIN, SOA

ମିନୁ ତାଙ୍କ ପାଖକୁ ଗଲା । ତା' ଦେଖାଦେଖି ଟିମା ଓ ଟିକି ବି' ଖେଳଛାଡ଼ି ଆସିଲେ । ଚାରିହେଁ ପିଣ୍ଡାରେ ପଡ଼ିଥିବା ପଟି ଉପରେ ବସି ପଡ଼ିଲେ । ତା'ପରେ ଭାଇ କହିବାକୁ ଆରମ୍ଭ କଲେ – "ଜାଣିଛତ ଜିଆକୁ ଚାଷୀର ସାଥୀ କହନ୍ତି ବୋଲି ? କାରଣ, ଏହା ଚାଷକାମରେ ସାହାଯ୍ୟ କରେ ।"

ମିନୁ ମୁଣ୍ଡ ହଲେଇ ମନାକଲା । ସେ ଓଲଟି ପଚାରିଲା – "କେମିତି... ? ଜିଆତ' ଏଡ଼େ ଟିକେ ଜୀବ... । ସେ ପୁଣି ଚାଷ କାମରେ ସାହାଯ୍ୟ କି' କରିବ ?"

କଥାମଝିଟାରେ ଏମିତି ପଚାରିବାରୁ ଟିମା ତା'ଉପରେ ଚିଡ଼ିଲା । ସେ କହିଲା – "ଶୁଣିଲେ ସିନା ଜାଣିବୁ । ଏମିତି ସବୁକଥାରେ ଡବଡବ ହେଲେ ଜାଣିବୁ କେମିତି ?"

ନିଜର ଭୁଲ ବୁଝିପାରି ମିନୁ ଚୁପ୍ ହୋଇଗଲା । ଭାଇ ପୁଣି କହିବାକୁ ଆରମ୍ଭ କଲେ – "ଭଲ ଚାଷ ପାଇଁ ଦୁଇଟି ଜିନିଷ ଅତି ଜରୁରି – ମାଟି ଆଉ ପାଣି । ଜିଆ ମାଟିକୁ ସରସ କରେ । ଏଣୁ ଫସଲ ଭଲ ହୁଏ ।"

ଟିମା – "ଏହା ସେ କିପରି କରେ ?"

ଭାଇ – "ଗଛଲତା ମାଟିରୁ ସାର ନେଇ ବଞ୍ଚନ୍ତି । ତେଣୁ, ଦୁଇ ତିନୋଟି ଫସଲ ହେଲା ପରେ ସେଥିରେ ଏହାର ଅଭାବ ପଡ଼ିଯାଏ । ଗଛ ପତର, ମଲାଜୀବଙ୍କ ଦେହ, ଝାଡ଼ାଗୋବର ଆଦି ପଚି ସେଥିରେ ମିଶିଲେ ତାହା ପୁଣି ସରସ ହୁଏ । ଜିଆର କାମ ହେଲା ମାଟି ଗାଳିବା । ଏହା ଫଳରେ ମାଟି ଓଲଟପାଲଟ ହୁଏ । ଏଣୁ ଭୂଇଁ ଉପରେ ପଡ଼ିଥିବା ଏହି ସବୁ ଜିନିଷ ତଳକୁ ଚାଲିଯାଏ । ସେଠାରେ ତାହା ପଚି ମାଟି ସହିତ ମିଶେ ।

ଜିଆର ମଳ ବି' ମାଟି ପାଇଁ ଭାରି ଭଲ । ଗଛ ବଢ଼ିବାଲାଗି ମାଟିରୁ ନେଉଥିବା ଉପାଦାନ ଭିତରୁ ବେଶି ଦରକାରୀ ହେଲା ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସିୟମ୍ । ଜିଆ ମଳରେ ଏସବୁ ବହୁତ ଥାଏ ।

Digitized by PPRACHIN, SOA



ଏହାଛଡ଼ା ମାଟିରେ ରହିଥିବା କେତେକ ଜୀବାଣୁ ଫସଲ ପାଇଁ ଉପକାରୀ । ଜିଆ ମଳରେ ସେମାନେ ସହଜରେ ବଂଶ ବଢ଼ାଇପାରନ୍ତି । ଏହା ରହୁଥିବା ଜମିରେ ସେହି ଜୀବାଣୁମାନେ ଅଧିକ ଥାଆନ୍ତି । ଏପରି ମାଟିରେ ଭଲ ଫସଲ ହୁଏ । ଏଣୁ ଏ ଜୀବଟି ନ ଥିଲେ ମାଟି ନିରସା ହୋଇଯାଆନ୍ତା । କ୍ଷେତବାଡ଼ିରେ ଭଲ ଫସଲ ହୁଅନ୍ତା ନାହିଁ । ଦୁନିଆରେ ଖାଇବା ଜିନିଷର ଆହୁରି ଅଭାବ ହୁଅନ୍ତା ।''

ଭାଇ ଏତକ କହିସାରି ଦମ୍ ମାରିଲେ । ସେତିକିବେଳେ ଟିକି ପଚାରିଲା – ''ସାର ଦେଇ ବି' ମାଟିକୁ ତ' ସରସ କରାଯାଇପାରୁଛି । ଏଣୁ ଜିଆ ନ ଥିଲେ ଏଥିରେ କ'ଣ କାମ ଚଳିବନି ?''

ଭାଇ – ''ନା..., ସେଥିରେ ବିପଦ ଅଛି ।''

ଏହା ଶୁଣି ଟିମା ଚମକିଲାଭଳି ପଚାରିଲା – ''ବିପଦ... ? ସାର କ'ଣ ବିଷ ହୋଇଛି ଯେ....''

ତାକୁ ଆଗକୁ କହିବାକୁ ନ ଦେଇ ଭାଇ କହିଲେ – ''ସାର ବିଷ ନୁହେଁ ବୋଲି ତୋତେ କହିଲା କିଏ ? ଏହାକୁ କିଛି ପରିମାଣରେ ମାଟିରେ

Digitized by PPRACHIN, SOA

ଦେଲେ ଚଳିବ, ହେଲେ, ନିହାତି ବେଶି ଦେବା ଭାରି ଖରାପ । ମାଟିରେ ରହୁଥିବା ବହୁ ଉପକାରୀ ଜୀବଙ୍କୁ ଏହା ମାରିଦିଏ । ଜିଆ ସେଗୁଡ଼ିକ ଭିତରୁ ଗୋଟିଏ । ଫଳରେ ସେମାନଙ୍କ ଦ୍ୱାରା ମାଟି ଆଉ ସରସ ହୋଇ ପାରେନା । ସେଥିପାଇଁ ଅଧିକ ସାର ଦରକାର ହୁଏ । ଏହା ବେଶି ପକାଇଲେ ପାଣିପବନ ଦୂଷିତ ହୁଏ । ଏଣୁ ରୋଗ ବଇରାଗ ବଢ଼େ । ଏମିତିକି' ବେଶି ସାର ମାଟି ପାଇଁ ବି ଖରାପ । ହେଲେ, ଜିଆଦ୍ୱାରା ମାଟିକୁ ସରସ କରିବାରେ ଏ ବିପଦ ନାହିଁ । ଏହାଛଡ଼ା ଜିଆ ମାଟିକୁ ଫସଫସିଆ କରେ । ଏଣୁ ତାହାର ଜଳ ଧରି ରଖିବା ଶକ୍ତି ବଢ଼େ । ସେଥିରେ ପବନ ଓ ଆଲୁଅ ପଶେ । ଜିଆ ମାଟିକୁ ଓଲଟ ପାଲଟ କରୁଥିବାରୁ ଏହା ତଳେ ଥିବା ଧାତବଲବଣ ସବୁ ଉପରକୁ ଆସେ । ଏଣୁ ତାହା ଚେର ପାଖରେ ପହଞ୍ଚେ । ଏସବୁ କାମ କ'ଣ ସାର କରିପାରିବ ?''

ପିଲାମାନେ ତାଙ୍କ ସହ ଏକମତ ହେଲେ । ତା'ପରେ ଟିମା ପଚାରିଲା – ''ତେବେ କ୍ଷେତରେ ସାର ଦେବାଠାରୁ ସେଥିରେ ଜିଆଙ୍କ ବଂଶ ବଢ଼ାଇବା ତ' ଭଲ... ?''

ଭାଇ – ''ହଁ..., ତେବେ, ଏବେ କାମଟା ଓଲଟା ହେଉଛି । କ୍ଷେତରେ ଅଧିକ ରାସାୟନିକ ସାର ଓ କୀଟାଣୁନାଶକ ଔଷଧ ଦିଆଯାଉଛି । ଏଣୁ ଜିଆଙ୍କ ବଂଶହାନି ଘଟୁଛି ।''

ଏହା ଶୁଣି ପିଲାମାନେ ଏକାଠି କହିଉଠିଲେ – ''ତେବେ ତ' ଆମକୁ ଭାରି ଅସୁବିଧା ହେବ... ।

ଲୋକେ ଏକଥା ବୁଝୁ ନାହାନ୍ତି କାହିଁକି ?''

ଭାଇ – ''କେତେକ ଲୋକ ବୁଝିଲେଣି । ତେଣୁ ଏବେ ଅନେକ ଦେଶରେ ଜିଆଚାଷ କରାଗଲାଣି । ସେଥିରୁ ଆମ ଦେଶ ଗୋଟିଏ । ଏମିତିକି ଆମ ରାଜ୍ୟରେ ବି' ଏହା କରାଯାଉଛି । ତେବେ, ତାହା ବିଶେଷ ନୁହେଁ । ଆଶା କରାଯାଉଛି ଯେ' ଧୀରେ ଧୀରେ ଅଧିକ ଲୋକେ ଏହାର ଉପକାରିତା ବୁଝିବେ । ସେମାନେ ଜିଆଚାଷ ପାଇଁ ମନ ବଳାଇବେ ।''

Digitized by PPRACHIN, SOA

ସେତେବେଳକୁ ଜେଜେ ଆସି ସେଠାରେ ଠିଆହୋଇ ସବୁ ଶୁଣୁଥାନ୍ତି । ସେଥକୁ କାହାରି ନିଘା ନ ଥାଏ । ଏକଥା ଶୁଣି ସେ ପଚାରିଲେ – "କିରେ, ଏ ଚାଷ ପୁଣି ହୁଏ କେମିତି ?"

ଗପ ଶୁଣିଲା ବେଳେ ଜେଜେ ସାଥୀରେ ନ ଥିଲେ ପିଲାଙ୍କୁ ଭଲ ଲାଗେନି । ଏଣୁ ସେ ଆସିଯିବାରୁ ସେମାନେ ଭାରି ଖୁସି ହେଲେ । ମିନୁ ତାଙ୍କ ହାତ ଧରିପକାଇ କହିଲା – "ସେମିତି ଠିଆ ଠିଆ ଶୁଣୁଚ କଅଣ ? ଆସ, ଆମ ପାଖରେ ବସ... । ସବୁ କଥା ଶୁଣିବ... ।"

ଜେଜେ ତା' ପାଖକୁ ଲାଗି ବସିପଡ଼ିଲେ । ତା'ପରେ ଭାଇ କହିଲେ – "ଏଥିପାଇଁ ଆଗ ଛୋଟ ଖାତଟିଏ ଖୋଳାଯାଏ । ତା' ଭିତରେ ପଲିଥିନ୍ ଚାଦରଟିଏ ପାରି ଦିଆଯାଏ । ଏଥିରେ ଧାନଚଷୁ, ଆଖୁଛେଦା, ନଡ଼ିଆକତା, କରତଗୁଣ୍ଡ, ଛୋଟ ଛୋଟ ନଡ଼ା ଆଦି ରଖି ପାଣି ଛିଞ୍ଚି ଓଦା କରାଯାଏ । ତା' ଉପରେ ପରିବା ଚୋପା, ପଶୁପକ୍ଷୀଙ୍କ ମଳ, ଛିଣ୍ଡାକାଗଜ ଆଦି ଏକାଠି ଚକଟି ରଖାଯାଏ । ଶେଷରେ ଏଥିରେ ଜିଆଙ୍କୁ ଛାଡ଼ିଦେଇ ଓଦା ଝୋଟ ବା ଅଖା ଘୋଡ଼ାଇ ଦିଆଯାଏ ।



Digitized by PPRACHIN, SOA

ଖାତ ଭିତରେ ଏ ଜିନିଷଗୁଡ଼ିକ ଧୀରେ ଧୀରେ ପଚେ । ଜିଆତାକୁ ଟିକି ଟିକି କରି କାଟି ଖାଏ ଏବଂ ଝାଡ଼ା ଫେରେ । ଏଣୁ ତାହା ଖତରେ ପରିଣତ ହେବାକୁ ଲାଗେ । ଏ ଖାତ ଭିତର ଉଷୁମ ଓ ଓଦାଳିଆ ଥାଏ । ଏପରି ପରିବେଶ ଜିଆର ବଂଶ ବଢ଼ିବାପାଇଁ ଭଲ । ଏଣୁ ଏଥିରେ ତା'ର ବଂଶ ବଢ଼ିଚାଲେ । ସେଗୁଡ଼ିକ ଶୀଘ୍ର ଶୀଘ୍ର ଖତ ତିଆରି କରିବାରେ ଲାଗିଯାଆନ୍ତି । ଫଳରେ ଗୋଟିଏ ଖାତ ଖତ ତିଆରି ପାଇ ୪/୫ ସପ୍ତାହ ଲାଗେ । ତା'ପରେ ସେଥିରୁ ଜିଆଗୁଡ଼ିକୁ ଅଲଗା କରି କ୍ଷେତରେ ଛଡ଼ାଯାଏ ଏବଂ ଖତକୁ ବାଡ଼ିବଗିଚାରେ ଦିଆଯାଏ ।''

ସେତେବେଳକୁ ବରଷା ଛାଡ଼ିଯାଇଥାଏ । ଭାଇ ଏତକ କହିସାରି ବାହାରିଲେ ଝାଡ଼ାଝପଟ ଯିବାକୁ । ତାଙ୍କ ପଛେ ପଛେ ଢେଙ୍କେ ଓ ପିଲାମାନେ ମଧ୍ୟ ଉଠିଲେ । ଏତିକିବେଳେ ଜଅଣ ଗୋଟାଏ ଲମ୍ବାଳିଆ ଜୀବ ଉପରେ ଟିମାର ପାଦ ପଡ଼ିଗଲା । ତାକୁ ଲାଗିଲା ଛୋଟ ସାପ ଭଳି । ଏଣୁ 'ବାପାଲୋ...' ବୋଲି କହି ସେ ଡେଇଁପଡ଼ିଲା । କିନ୍ତୁ, ଦେଖିଲାବେଳକୁ ତାହା ଗୋଟାଏ ବୁଢ଼ା ଜିଆ ।

ମିନୁ ସଙ୍ଗେ ସଙ୍ଗେ ତଳେ ପଡ଼ିଥିବା ଡାଙ୍ଗ ଖଣ୍ଡେ ଉଠାଇଆଣିଲା । ହେଲେ, ଟିମା ତା' ହାତ ଧରିପକାଇ ବାରଣ କଲା । ସେ କହିଲା— ''ଶୁଣିଲୁ ପରା ଜିଆ ଆମର କେତେ ଉପକାରୀ ? ତାକୁ ମାରିବାକୁ ଯାଉଛୁ କେମିତି ?''

ମିନୁ ହସିଦେଇ ଜବାବ ଦେଲା— ''ନାଇଁମ..., ମୁଁ ତାକୁ ମାରିବି କାହିଁକି ? ବରଂ, ଯାଉଛି ତଳକୁ ପକେଇଦେବି । ସେ ଯାଇ ମାଟି ଭିତରେ ରହୁ । ଏଠି କିଏ କାଳେ ତାକୁ କୁଦିଦେବ... ।''

Digitized by PPRACHIN, SOA

ସାପ

ସେଦିନର ସଂଜବେଳ । ପାଟିତୁଣ୍ଡ ଶୁଣି ଭାଇ ଘରୁ ବାହାରି ଆସିଲେ । ତାଙ୍କ ସାଥେ ସାଥେ ମିନୁ ବି' ଆସିଲା । ସେମାନେ ଦେଖିଲେ ଯେ' ଟିମା ଓ ଟିକି ତାଙ୍କ ଚାକରପିଲା ସହିତ ମିଶି ଗୋଟିଏ ଢେମଣା ସାପକୁ ଢେଲା ପକାଉଛନ୍ତି । ଏହା ଦେଖି ଭାଇ ପାଟିକଲେ । ସେ କହିଲେ – ''କାହିଁକି ନିର୍ଦ୍ଦୋଷ ଜୀବଟାକୁ ମାରୁଚ... ? ଛାଡ଼ିଦିଅ ତାକୁ... ।''

ତାଙ୍କ କଥାରେ ସେମାନେ ହଡ଼ବଡ଼େଇ ଗଲେ । ସେଇ ସୁଯୋଗରେ ସାପଟା ଖସି ପଳାଇ ଗଲା ।

ହାତରେ ଧରିଥିବା ଢେଲାଟା ଫୋପାଡ଼ିଦେଇ ଟିମା ପିଣ୍ଡା ଉପରକୁ ଉଠୁ ଉଠୁ କହିଲା – ''ସେଇଟା ପରା ଥରକୁ ଥର ଘରେ ପଶୁଛି । ଅବିଶ୍ୱାସୀ ଜୀବଟା..., କେତେବେଳେ କାହାର କଅଣ କରିବ... ।''

Digitized by PPRACHIN, SOA

ତା'ସହିତ ଏକମତ ହୋଇ ମିନୁ କହିଲା – "ହଁ...ଭାଇ ସତରେ... । ପଅରଦିନ ରାତିରେ ପରା ସିଧା ଚାଳରୁ ଖସି ଆମ ମଶାରି ଉପରେ ପଡ଼ିଲା । ଆମେ ଖାଲି ଶୋଇଥିଲେ ଅବସ୍ଥା କଅଣ ହୋଇଥାନ୍ତା କହିଲ ?"

ଏହା ଭିତରେ ଜେଜେ ବି' ବାହାରକୁ ଆସିଗଲେ । ସେ ଭାଇଙ୍କୁ ତାଗିଦ୍ କଲାଭଳି କହିଲେ – "ତୁ ତାଙ୍କୁ ମନାକଲୁ କାହିଁକି ? ସାପଟାକୁ ମାରିଦେଇଥିଲେ ଯାଇଥାନ୍ତା । ବିପଦ ତୁଟିଥାନ୍ତା । ସବୁବେଳେ ଏପଟ ସେପଟ ହେଉଛି... ।"

ସବୁ ଶୁଣିସାରି ଭାଇ ମୁରୁକିହସାଟିଏ ଦେଲେ । ସେ କହିଲେ – "ସେଇଟା ପରା ଢମଣା ସାପ..., ଆମ ପାଇଁ ବିପଦ ହେବ କାହିଁକି ? ବରଂ, ଆମର ଉପକାର କରିବ ।"

ତାଙ୍କୁ ଅଧିକ କୁହାଇ ନ ଦେଇ ଜେଜେ ବିରକ୍ତ ହୋଇ ପଚାରିଲେ – "କଅଣ କହିଲୁ... ? ସାପ ପୁଣି ଆମର ଉପକାର କରିବ ? କଥାରେ ଅଛି ପରା –

'ସର୍ପରେ ଜାତ କଲୁ ମତେ । ସ୍ୱଭାବ ଛାଡ଼ିବି କେମନ୍ତେ ?'

ସାପକୁ ଦୁଧଦେଇ ପାଳିଲେ ବି' ସେ ସୁବିଧା ଦେଖି କାମୁଡ଼ିଦିଏ । ସେପରି ଅବିଶ୍ୱାସୀ ଜୀବକୁ ପୁଣି ଛାଡ଼ିଦେବାର ଅଛି... ?"

ଭାଇ ନରମ ଗଳାରେ ଜବାବ ଦେଲେ – "ତମେ ଭୁଲ୍ ବୁଝିଛ । ସାପମାନେ ଆମର ଶତ୍ରୁ ନୁହନ୍ତି । ପୁଣି ତହିଁରୁ ଅନେକଙ୍କର ବିଷ ନ ଥାଏ । ଏଣୁ ସେଗୁଡ଼ିକ ହାନିକର ନୁହନ୍ତି । କେବଳ ଅଳ୍ପ କେତୋଟି ଜାତିର ସାପ ବିଷାକ୍ତ । ପୁଣି ସେମାନେ ଅସୁବିଧାରେ ପଡ଼ିଲେ ହିଁ ଆମକୁ କାମୁଡ଼ନ୍ତି । ସେଇଥିପାଇଁ ସାରା ସାପଜାତି ଉପରେ ଆମର ଭୁଲ୍ ଧାରଣା ରହିଛି ।

ଆମ ଦେଶରେ ପ୍ରାୟ ୨୧୬ ଜାତିର ସାପ ଦେଖାଯାଆନ୍ତି । ତହିଁରୁ ମୋଟେ ୫୨ଟି ଜାତି ସାପର ବିଷ ଅଛି । କିନ୍ତୁ, ଏ ସମସ୍ତେ ମଣିଷର ଉପକାରୀ । ବିଷାକ୍ତ ସାପ ତ' ବେଶି ଉପକାରୀ... ।

ତାଙ୍କ ପାଟିରୁ କଥା ଛଡ଼େଇନେଇ ମିନୁ ପଚାରିଲା – "କି' କଥା କହୁଛ ? ସାପ ଉପକାରୀ, ପୁଣି, ବିଷାକ୍ତ ସାପ ବେଶି ଉପକାରୀ ?"

Digitized by PPRACHIN, SOA

ଭାଇ ଜବାବ ଦେଲେ "ହଁ..., ମୁଁ ଠିକ୍ କହୁଛି... । ସାପ ଆମର କରୁଥିବା ସବୁଠାରୁ ବଡ଼ ଉପକାର ହେଲା ମୂଷା ମାରିବା । ହିସାବରୁ ଜଣାପଡ଼ିଚି ଯେ' ଆମ ଦେଶରେ ମୂଷାଙ୍କ ସଂଖ୍ୟା ମଣିଷଙ୍କ ଠାରୁ ଛ'ଗୁଣ ବେଶି । ପୁଣି, ଛ'ଟି ମୂଷା ଦିନକୁ ଜଣେ ମଣିଷର ଆହାର ଖାଇଦେଇ



ପାରନ୍ତି । ତେଣୁ, ମୂଷାମାନେ ଯଦି ଖାଲି ଖାଦ୍ୟଶସ୍ୟ ଖାଉଥାନ୍ତେ, ତେବେ, ଆମପାଇଁ କିଛି ବଳନ୍ତା ନାହିଁ । ସେହିପରି, ଦେଶରୁ ଯଦି ସବୁ ମୂଷା ମାରିଦେଇ ହୁଅନ୍ତା ଆମର ଖାଦ୍ୟ ଅଭାବ ପଡ଼ନ୍ତା ନାହିଁ । କିନ୍ତୁ, ତାହା କରିବା ସହଜ ନୁହେଁ । କାରଣ, ମୂଷାମାନେ ଭାରି କଷ୍ଟ ସହିପାରନ୍ତି । ସବୁ ପରିସ୍ଥିତିରେ ସେମାନେ ନିଜକୁ ଚଳାଇ ନିଅନ୍ତି । ତା'ଛଡ଼ା ତାଙ୍କର ଛୁଆ ଜନ୍ମକରିବା ଶକ୍ତି ବି' ଅଧିକ । ତେଣୁ ମଣିଷ ଯେତେ ଯାହା କଲେ ମଧ ତାଙ୍କ ବଂଶ କମାଇ ପାରୁ ନାହିଁ । କେବଳ ସାପମାନେ ଏ କାମ ପାରିବେ । ସେଇଥିପାଇଁ ଆମର ଯେଉଁ ସାପ ପୂଜା କରିବା ବିଧି ଅଛି, ତାହା ମୋ' ମତରେ ଠିକ୍... ।"

ଭାଇଙ୍କ କଥାରେ ବାଧାଦେଇ ଜେଜେ କହିଲେ– "କଅଣ କହିଲୁ ? ମୂଷା ମାରୁଥିବାରୁ ସାପକୁ ଆମେ ପୂଜା କରିବା ? ଧନ୍ୟ ତୋ' ବୁଦ୍ଧି । ତା'ହେଲେ ବିରାଡ଼ିକୁ ପୂଜା ନ କରିବା କାହିଁକି... ? ଆରେ, ସାପ ପରା

Digitized by PPRACHIN, SOA

ଶିବଙ୍କ ଭୂଷଣ..., ବିଷ୍ଣୁଙ୍କ ଶଯ୍ୟା... । ସେଇଥିପାଇଁ ସିନା ଆମେ ତାଙ୍କୁ ପୂଜା କରୁ.... ।''

ସଙ୍ଗେ ସଙ୍ଗେ ଟିମା ଜେଜେଙ୍କୁ ପଚାରିଦେଲା – ''ଆମ ଧର୍ମର ବଡ଼ ବଡ଼ ଦେବତା ହେଲେ ଶିବ ଓ ବିଷ୍ଣୁ । ତାଙ୍କର ଯେତେବେଳେ ସାପକୁ ଏତେ ବିଶ୍ୱାସ, ଆମେ ତାକୁ ଅବିଶ୍ୱାସୀ କହିବା କେମିତି ? ତା'ଛଡ଼ା ତାଙ୍କୁ ମାରିବା କ'ଣ ଅଧର୍ମ କାମ ହେବନି ?''

ଏଥର ଜେଜେଙ୍କ ଅକଲ ଗୁଡୁମ୍ । ସେ କିଛି ନ କହି ଖାଲି ହସି ଦେଲେ । ସେଇ ଅବସରରେ ଟିକି ପଚାରିଲା – ''ଭାଇ, ସାପ ଆଉ କିଛି ଉପକାର କରେ ନା' ଖାଲି ଏତିକି ?''

ଭାଇ – ''ଆହୁରି ଅନେକ... । ଆଜିକାଲି ପରା ସାପ ବିଷରୁ ନାନାଦି' ଦରକାରୀ ଔଷଧ ତିଆରି ହେଉଛି । ସେସବୁ କୁଷ୍ଠ, କର୍କଟରୋଗ, ଯକ୍ଷ୍ମା, ପକ୍ଷାଘାତ ଆଦି ରୋଗର ଚିକିତ୍ସାରେ ଲାଗୁଛି । ମୁମ୍ବାଇଠାରେ 'ଜନ୍ ହପ୍‌କିନସ୍ ଗବେଷଣା ପ୍ରତିଷ୍ଠାନ' ଅଛି । ସେଠାରେ ସାପବିଷ କାଟିବା ପାଇଁ ଔଷଧ ତିଆରି ହୁଏ । ସାପ ବିଷକୁ ଘୋଡ଼ାଙ୍କ ଦେହରେ ଇଂଜେକସନ୍ ଦେଇ ତାଙ୍କ ରକ୍ତରୁ ଏହା ତିଆରି କରାଯାଉଛି । ଦିନକୁ ଦିନ ଏମିତି ଏହାର ବ୍ୟବହାର ବଢ଼ିଚାଲିଛି । ତେଣୁ ଅଧିକ ବିଷ ଅମଳ କରିବା ପାଇଁ ଚେନ୍ନାଇ ଆଦି କେତେ ଜାଗାରେ ସାପ ପାର୍କମାନ ବସିଲାଣି । ସେଠାରେ ସାପଙ୍କୁ ପାଳି ତାଙ୍କଠାରୁ ବିଷ ସଂଗ୍ରହ କରାଯାଉଛି । ସେଇଥିପାଇଁ ପରା ମୁଁ କହିଲି ଯେ' ବିଷଧର ସାପ ବେଶି ଉପକାରୀ ବୋଲି... ।''

ଭାଇ ଏତକ କହିସାରି ଦମ୍ ମାରିଲେ । ତେଣୁ ମିନୁ ପଚାରିଲା – ''ଚୀନ ଦେଶରେ ଲୋକେ ପରା ସାପକୁ ଖାଆନ୍ତି ?''

ଭାଇ କହିଲେ – ''ହଁ..., ଏମିତିକି ଆମ ଦେଶର କିଛି ଲୋକ ବି ତାହା କରନ୍ତି । ଏହାଛଡ଼ା ବଡ଼ ବଡ଼ ସାପ ଚମଡ଼ାରୁ ଜୋତା, ବ୍ୟାଗ୍, ଘଡ଼ିଫିତା ଆଦି ଜିନିଷ ତିଆରି ହୁଏ । ବଜାରରେ ଏଗୁଡ଼ିକର ଚାହିଦା ବେଶି । ସେଥିପାଇଁ ଅନେକ ଲୋକ ସାପ ଶିକାର କରନ୍ତି । ଫଳରେ ଆମଦେଶରୁ ସାପସଂଖ୍ୟା କମିବାରେ ଲାଗିଛି । ତା'ଛଡ଼ା ବଣଜଙ୍ଗଲ କମିଯିବା ମଧ୍ୟ ଏହାର ଆଉ ଗୋଟିଏ କାରଣ । ଏହା ସଭିଙ୍କ ପାଇଁ ହାନିକର । ତେଣୁ, ସାପ ଶିକାର ନ କରିବାକୁ ସରକାର ଆଇନ୍ କରିଛନ୍ତି ।''

Digitized by PPRACHIN, SOA

ସେତେବେଳକୁ କଥାଟା ଜେଜେଙ୍କ ମନକୁ ପାଇଥାଏ । ସେ କହିଲେ – "ସାପ ପୁଣି ଏତେ କାମର... ? ସେଗୁଡ଼ାକୁ ମୁଁ ନିହାତି ଅଦରକାରୀ ବୋଲି ଭାବୁଥିଲି । ହେଲେ, ଏବେ ବୁଝୁଛି ଯେ' ଭଗବାନ୍ ତାଙ୍କୁ ମଣିଷର ଉପକାର ପାଇଁ ତିଆରି କରିଛନ୍ତି... ।"

ଜେଜେଙ୍କ କଥା ଶୁଣି ସମସ୍ତେ ହସିଉଠିଲେ । ହସୁ ହସୁ ଭାଇ ପୁଣି କହିଲେ – "ଖାଲି ସାପ କାହିଁକି, ଦୁନିଆର କୌଣସି ଜୀବ ଅଦରକାରୀ ନୁହେଁ । ଜୀବଜଗତର ମଙ୍ଗଳଲାଗି ସମସ୍ତଙ୍କର ବଞ୍ଚିରହିବା ଦରକାର । କାରଣ ଦୁନିଆର ସବୁ ଜୀବ ଓ ଗଛଲତା ନିଜ ନିଜ ଉପରେ ନିର୍ଭର କରନ୍ତି । ଏହାକୁ କୁହାଯାଉଛି 'ପରିସଂସ୍ଥାର ଭାରସାମ୍ୟ' । କୌଣସି ଗୋଟିଏ ଜାତିର ପ୍ରାଣୀ କି' ଉଦ୍ଭିଦ ଲୋପ ହୋଇଗଲେ ଏହାକୁ ଆଘାତ ଲାଗେ । ଅନ୍ୟମାନଙ୍କ ଉପରେ ଏହାର ପ୍ରଭାବ ପଡ଼େ । ଏଣୁ ସେମାନଙ୍କ ବଂଶ ବି ବୁଡ଼ିବାକୁ ଲାଗେ... ।"

କଥା ମଝିରେ ଟିମା ପଚାରିଲା – "ତା'ହେଲେ ତ' ପରିସଂସ୍ଥାର ଭାରସାମ୍ୟ ଆମ ପାଇଁ ଭାରି ଜରୁରି ?"

ଭାଇ ମୁଣ୍ଡ ଟୁଙ୍ଗାରି ହଁ ଭରିଲେ । ସେ କହିଲେ – "ଆଜିକାଲି ପରିବେଶ ଦୂଷିତ ହେବାରେ ଲାଗିଛି । ଏଣୁ ପ୍ରତିଦିନ ଅନେକ ପ୍ରାଣୀ ଓ ଉଦ୍ଭିଦଙ୍କ ବଂଶ ବୁଡ଼ିଚାଲିଛି । ଫଳରେ ଏ ଭାରସାମ୍ୟକୁ ବାଧା ପହଞ୍ଚୁଛି । ଏମିତି ଚାଲିଲେ ଦିନେ ଦୁନିଆରେ ସବୁ ଜାତିର ଜୀବ ଲୋପ ହୋଇଯିବେ ବୋଲି ମନେହେଉଛି ।"

ଏହା ଶୁଣି ଜେଜେ କହିଲେ – "ଏଁ... କଅଣ କହୁଛୁ... ? ସାରା ଜୀବଜଗତ ଲୋପ ପାଇଯିବ... ? ମାନେ, ପ୍ରଳୟ... ? ତା'ହେଲେ ତ' କଥାଟା ଭାରି ଗୁରୁତର । ତାକୁ ଏମିତି ଠିକେ ଠିକେ କହିଦେଲେ ଚଳିବ କେମିତି ?"

ପିଲାମାନେ ଜେଜେଙ୍କ ସହ ଏକମତ ହେଲେ । ଟିକି କହିଲା – "ହଁ, ଭାଇ..., ଏ ପରିସଂସ୍ଥା ଭାରସାମ୍ୟ କଥାଟା ଠିକ୍ ବୁଝିହେଲା ନାହିଁ । ତା'ଛଡ଼ା ଏହାକୁ କାହିଁକି ଏମିତି ହାନି ଘଟୁଛି ତାହା ବି' ଆମେ ଜାଣିବା ଦରକାର... ।"

ଭାଇ ଜବାବ ଦେଲେ – " ଆମ ଚାରିପାଖରେ ବିବିଧ ଗଛଲତା,

Digitized by PPRACHIN, SOA

ଜୀବଜନ୍ତୁ, ମାଟି, ପାଣି, ପବନ ଆଦି ରହିଛି । ଆମେ ଓ ଏସବୁ ମିଶି ହେଲା ଆମ ପରିବେଶ । ଗୋଟିଏ ଜାଗାର ପାଣି, ପବନ ଓ ମାଟି ଆଉ ଗୋଟିକ ଠାରୁ ଅଲଗା । ସେହି ଅନୁସାରେ ସେଠାର ଗଛଲତା ଓ ଜୀବଜନ୍ତୁ ସବୁ ହୋଇଥାନ୍ତି । ଏହାକୁ ସେଠାର ପରିସଂସ୍ଥା ବୋଲି କହନ୍ତି । ସେମାନେ ନିଜ ନିଜ ଉପରେ ନିର୍ଭର କରି ବଞ୍ଚନ୍ତି । ଏଣୁ ତହିଁରୁ ଗୋଟିଏ ଜାତି ଲୋପ ହୋଇଗଲେ ଆଉଗୁଡ଼ିକୁ ଚଳିବାରେ ଅସୁବିଧା ହୁଏ । ଏହି ଆପୋଷ ନିର୍ଭରଶୀଳତା ହେଲା ପରିସଂସ୍ଥାର ଭାରସାମ୍ୟ । ବେଳେବେଳେ ପରିବେଶ ବଦଳିଯିବାରୁ ଗୋଟିଏ ଗୋଟିଏ ଜାଗାରୁ ହଠାତ୍ ବେଶି ଜାତିର ଗଛଲତା କି' ଜୀବଜନ୍ତୁ ଲୋପପାଇ ଯାଆନ୍ତି । ଏମିତି ହେଲେ ଏ ଆପୋଷ ନିର୍ଭରଶୀଳତା ଠିକ୍ ଚଳେ ନାହିଁ । ଏଣୁ ପରିସଂସ୍ଥାର ଭାରସାମ୍ୟକୁ ହାନି ଘଟେ ।''

ଏତକ କହିସାରି ଭାଇ ପିଲାମାନଙ୍କୁ ପଚାରିଲେ– ''ଏଥର ବୁଝିଲ ତ'... ?''

ପିଲାଏ ଟିକିଏ ଗୁମ୍ ଖାଇ ରହିଗଲେ । କ'ଣ କହିବେ ଭାବିପାରିଲେ ନାହିଁ । କେବଳ ନିଜ ନିଜ ମୁହଁକୁ ଚୁହାଁଚୁହିଁ ହେବାକୁ ଲାଗିଲେ । ଏଣୁ ଭେଭେ କହିଲେ– ''ଏତେ ବଡ଼ କଥାଟା..., ଖାଲିଟାରେ ବୁଝିହେବ କେମିତି... ? ନଜିର୍‌ଟିଏ ସିନା ଦେଲେ ହେବ... ।''

ଭାଇ ତାଙ୍କ ସହିତ ସହମତ ହେଲେ । ସେ କହିଲେ– ''ହଁ..., ସତକଥା... ।''

ତା'ପରେ ଟିକିଏ ଭାବି ସେ ଆରମ୍ଭ କଲେ– ''ମନେକର ଗୋଟିଏ ପୋଖରୀ ଥିଲା । ସେଥିରେ ଏକପ୍ରକାର ଦଳ ହେଉଥିଲା । ତାକୁ ଖାଉଥିବା ଛୋଟ ଛୋଟ ମାଛ ସେଥିରେ ରହୁଥିଲେ । ପୁଣି ସେମାନଙ୍କୁ ଖାଉଥିଲେ ବଡ଼ ବଡ଼ ମାଛ ଏବଂ ବଡ଼ମାଛକୁ ଓଧ ଖାଉଥିଲା । ପୋଖରୀରେ ହେଉଥିବା ଦଳ ଛୋଟମାଛଙ୍କୁ ଏବଂ ଛୋଟମାଛ ବଡ଼ ମାଛଙ୍କୁ ଦରକାର ମୁତାବକ ଆହାର ପାଉଥିଲା । ସେମାନଙ୍କ ସଂଖ୍ୟା ସେହି ଅନୁସାରେ ସୀମା ଭିତରେ ରହୁଥିଲା । ସେମାନେ ସବୁ ପାଖାପାଖି ହୋଇ ରହୁଥିଲେ । ଅତଏବ ସେଠାର ପରିସଂସ୍ଥା ସେହିମାନଙ୍କୁ ନେଇ ଗଢ଼ା ହୋଇଥିଲା ।

Digitized by PPRACHIN, SOA



ମନେକର ଏ ପୋଖରୀର ପାଣି ଖରାପ ହୋଇଗଲା । ସେଥିରେ ଆଉ ସେ ଦଳ ଜନ୍ମିଲା ନାହିଁ । ଏଣୁ ସାନମାଛମାନେ ଖାଇବାକୁ ପାଇଲେ ନାହିଁ । ସେମାନଙ୍କ ବଂଶ ଧୀରେ ଧୀରେ କମିବାକୁ ଲାଗିଲା । ଶେଷରେ ତାହା ଲୋପ ହୋଇଗଲା । ଏବେ ବଡ଼ମାଛମାନଙ୍କୁ ଆହାର ମିଳିବ କେଉଁଠୁ ? ଏଣୁ ତାଙ୍କ ବଂଶ ବି' ଲୋପ ପାଇଆସିଲା । ଶେଷରେ ପଡ଼ିଲା ଓଧର ପାଳି... ।

ଅତଏବ, ପୋଖରୀରେ ଦଳ ନ ହେବାରୁ ସେଠାର ପରିସଂସ୍ଥାର ଭାରସାମ୍ୟ ରହିଲା ନାହିଁ । ଫଳରେ ଆପୋଷ ନିର୍ଭରଶୀଳତା ଠିକ୍ ଚଳିଲା ନାହିଁ । ଏଣୁ ଗୋଟିକ ପରେ ଗୋଟିଏ ଜୀବ ଲୋପ ପାଇଗଲେ... ।''

ଭାଇଙ୍କ ମୁହଁରୁ କଥା ନ ସରୁଣୁ ମିନୁ ଖୁସିରେ ତାଳିଟାଏ ମାରି କହିଲା – ''ବୁଝିଲି..., ବୁଝିଲି..., ଏଥର ବୁଝିଲି... ।''

କଥା ମଝିଟାରେ ତା'ର ଏମିତି କହିବାଟା ଟିମାର ମୋଟେ ପସନ୍ଦ ହେଲା ନାହିଁ । ମୁହଁଟାକୁ ଫଣଫଣ କରି ସେ ତାକୁ ଟୋକି ଦେଲା – ''କଅଣଟା ବୁଝି ପକେଇଲୁ ଯେ'..., ଏମିତି ହେଉଛୁ ?''

ମିନୁ ଦବି ନ ଯାଇ ଜବାବ ଦେଲା – ''ଏଇ ପରିବେଶ ଓ ପରିସଂସ୍ଥା କଥା ପୋଖରୀର ପାଣି ଖରାପ ହେବାରୁ ସିନା ସେଥିରେ ଦଳ

Digitized by PPRACHIN, SOA

ହେଲାନି... । ତେଣୁ ଏତେକଥା ହେଲା । ସେଠାର ପରିସଂସ୍ଥା ବିଗିଡ଼ି ଗଲା । ଜୀବମାନେ ଗୋଟିକ ପରେ ଗୋଟିଏ ଲୋପ ପାଇଲେ । ପୋଖରୀପାଣି ଖରାପ ହେବା ମାନେ ଆଉ କଅଣ ? ତହିଁର ପରିବେଶ ଦୂଷିତ ହେବା... ।''

ଭାଇ ମୁରୁକିହସି ତା' ପିଠିକୁ ଥାପୁଡ଼ାଇ ଦେଲେ । ସେ କହିଲେ – ''ସାବାସ୍... ଠିକ୍ ବୁଝିଚୁ... । ଦୁନିଆରେ ଆଜି ଯେମିତି ଅଧିକ ହାରରେ ନାନା ଜାତିର ଗଛଲତା ଓ ପ୍ରାଣୀ ଲୋପ ପାଉଛନ୍ତି, ତାହାର ମୂଳ ହେଲା ଦୂଷିତ ପରିବେଶ । ଏହା ପରିସଂସ୍ଥାକୁ ବିଗାଡ଼ି ଦେଉଛି... ।''

ଢେଢେ ଚୁପ୍ ହୋଇ ସବୁ ଶୁଣୁଥିଲେ । ସେ ଭାବି ଭାବି କହିଲେ – ''ହେଲା ଯେ'..., ତେବେ ସାପ ମଲେ ମୂଷାଙ୍କର ତ' ଲାଭ ହେବ ? ତାଙ୍କ ବଂଶ ବଢ଼ିବ... ।''

ତାଙ୍କୁ ଅଧିକ କହିବାକୁ ନ ଦେଇ ଭାଇ ଜବାବ ଦେଲେ – ''ନା..., ମୂଷାଙ୍କର ଲାଭ ହେବନି..., ବରଂ, ହାନି ହେବ । କାରଣ, ସେମାନଙ୍କ ସଂଖ୍ୟା ହଠାତ୍ ଅତି ବେଶି ହୋଇଯିବ । ଏଣୁ ସେମାନେ ଆହାର ପାଇବେ ନାହିଁ । ସମସ୍ତେ ଦୁର୍ବଳିଆ ହୋଇଯିବେ । ସେମାନଙ୍କର ଛୁଆ ହେବ ନାହିଁ । ଫଳରେ ତାଙ୍କ ବଂଶ ବୁଡ଼ିବାକୁ ଲାଗିବ... ।''

ଢେଢେ ତାଙ୍କ ସହିତ ସହମତ ହେଲେ । ସେ ପାଚିଲାହସଟିଏ ହସି କହିଲେ – ''ହଁ..., କଥାରେ ଅଛି ପରା – 'ଅତି ରୁ ଇତି' । ସବୁ ଜିନିଷର ଗୋଟାଏ ସୀମା ରହିବା ଦରକାର । ପୁରାଣରେ ପଢ଼ିନୁ ଯଦୁବଂଶ କେମିତି ନାଶ ହେଲା... ?''

ତାଙ୍କ ପାଟିରୁ କଥା ସରି ନ ଥାଏ, ଏତିକିବେଳେ ବାଡ଼ି ଧାନ ଗଦାରୁ କେଁ କେଁ ରଡ଼ି ଶୁଭିଲା । ପିଲାଏ ସେଇ ଆଡ଼କୁ କାନ ଡେରିଲେ । ଏଣୁ ଢେଢେ କହିଲେ – ''ଶୁଣୁଚ କଅଣ ? ଯାଅ ଦେଖିବ ସାପ କେମିତି ମୂଷାଟାଏ ଧରି ଗିଳୁଛି... ।''

ପିଲାମାନେ ଚଟାପଟ୍ ଉଠି ବାଡ଼ିଆଡ଼କୁ ଧାଇଁଲେ । ଭାଇ ଓ ଢେଢେ ବି' ତାଙ୍କ ପଛେ ପଛେ ଗଲେ ।

———o———

Digitized by PPRACHIN, SOA